## ବଡ଼କେରେଙ୍ଗା ପଞ୍ଚାୟତରେ ବିଧାୟକ ପଡ଼ାଲଙ୍କ ପ୍ରଚାର

# ବିଜେଡିରେ ସାମିଲ ହେଲେ ୨୫୦ କଂଗ୍ରେସ କର୍ମୀ



**କୋରାପୁଟ, ୧୨।୪(ସମିସ):** କୋରାପୁଟ ବିଧାୟକ ତଥା ୨୦୨୪ ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ରଘୁରାମ ପଡ଼ାଲ ଶୁକ୍ରବାର ସଦର ବ୍ଲକ୍ ବଡ଼ଜେରେଙ୍ଗା ପଞ୍ଚାୟତର ଗଞ୍ଜେଇପଦର ଓ ବିଭିନ୍ନ ଗ୍ରାମ ଗସ୍ତ କରି ଆସନ୍ତା ମେ' ୧୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତାରେ ବୃଦ୍ଧି, ମିଶନ ଶକ୍ତି ଯୋଜନା ଜରିଆରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଓ ବିନା ସୁଧରେ ଋଣ ପ୍ରଦାନ, ଲକ୍ଷ୍ମୀ ବସରେ ମହିଳାମାନଙ୍କ ନିମନ୍ତେ ମାତ୍ର ୫ ଟଙ୍କାରେ ଯାତ୍ରା ଭଳି ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଗତ ୫ ବର୍ଷ ମଧ୍ୟରେ ସେ ବିଧାୟକ ଭାବେ କରିଥିବା ଉନ୍ନୟନ କାର୍ଯ୍ୟ ଉପରେ ବକ୍ତବ୍ୟ ରଖି ସେମାନଙ୍କ ସେବା କରିବାକୁ ପୁଣି ଥରେ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, ବିଜୁ ଜନତା ଦଳ ଜିଲ୍ଲା ଉପସଭାପତି ଉତ୍କଳ ରଞ୍ଜନ ନାୟକ, ବ୍ଲକ୍ ସଭାପତି ମଣ୍ଟୁ ବେନିଆ ପ୍ରମୁଖ ଗସ୍ତ କରିଥିଲେ। ଏହି ଅବସରରେ ବଡ଼ଜେରେଙ୍ଗା ପଞ୍ଚାୟତର ୨୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଥିବା ଜଣାପଡ଼ିଛି।

## ବିଜୁ ଜନତା ଦଳର ସମୀକ୍ଷା ବୈଠକ




**ମାଲକାନଗିରି,୧୨।୪(ସମିସ):** ମାଲକାନଗିରି ଜିଲ୍ଲା ବିଜୁ ପଟ୍ଟନାୟକ ଦକ୍ଷତା ବିକାଶ କେନ୍ଦ୍ର ତଥା ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସମୟରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ବିଜେଡି ସଭାପତି ତଥା ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମାନସ ମାଡ଼କାମୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ପ୍ରତିନିଧି ପ୍ରଦୀପ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାରେ କିପରି ବିଜୁ ଜନତା ଦଳ ଅଧିକ ସୁଦୃଢ଼ କରାଯିବ ଏବଂ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟକ ଭୋଟରେ ବିଜୟ କରାଯିବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଦଳ ପକ୍ଷରୁ ତୃଣମୂଳ ସ୍ତରରେ ପହଞ୍ଚି ଅନେକ କାର୍ଯ୍ୟ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟ ଜିଲ୍ଲା ପାଇଁ ଅନେକ ପଦକ୍ଷେପ ସହ ଜନହିତକର ଯୋଜନା କରାଯାଇଛି। ଯାହାକୁ ନେଇ ଲୋକଙ୍କ ନିକଟରେ ପହଞ୍ଚିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କର୍ମୀ ଓ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ଜିଲ୍ଲା ଆଇନ ସାମ୍ମୁଖ୍ୟ ସଭାପତି ଗୋପାଳ କୃଷ୍ଣ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ମାଲକାନଗିରି ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, କୋରୁକୋଣ୍ଡା ଅଧ୍ୟକ୍ଷ ଜିତୁ ବୁରୁଡି ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ତେନ୍ତୁଲିଖୁଣ୍ଟି,୧୨।୪(ସମିସ):** ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀଙ୍କୁ ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଞ୍ଚଳଗୁମ୍ମା ମଣ୍ଡଳର ସମସ୍ତ ଗ୍ରାମ ପଞ୍ଚାୟତରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ କର୍ମୀ ଓ ଜନ ସାଧାରଣ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ରୋମା ପତି ବିଷୋୟୀ, ପର୍ଶୁରାମ ବିଷୋୟୀ, ଅଭିମନ୍ୟୁ ହରିଜନ, ଉମାଶଙ୍କର ଯୋଶୀ, ଗୋବର୍ଦ୍ଧନ ସୌରା, ପିତବାସ ମାଳି, ବିକାଶ ରାଜପୁତ, ମୁରଲୀ ପାତ୍ର, ବାବୁଲା ପାତ୍ର, ହରିଶ୍ଚନ୍ଦ୍ର ବିଷୋୟୀ, ଖଗପତି ବିଷୋୟୀ, ହରି ମାଳି ଏବଂ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନବରଙ୍ଗପୁର ଜିଲ୍ଲାରେ ଗଡ଼ିଲା ଭୋଟର ସଚେତନତା ରଥ

**ନବରଙ୍ଗପୁର,୧୨।୪(ସମିସ)**



ଚଳିତ ସାଧାରଣ ନିର୍ବାଚନରେ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ମତଦାନ ନେଇ ଭୋଟରଙ୍କୁ ସଚେତନ କରିବା ଲକ୍ଷ୍ୟରେ ଶୁକ୍ରବାର ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଆସନ୍ତା ମେ' ୧୩ ତାରିଖରେ ନବରଙ୍ଗପୁର ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ। ଏ ନେଇ ଜିଲ୍ଲାର ସମସ୍ତ ଭୋଟର ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବା ଲାଗି ସଚେତନ ରଥ ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ ବୁଲି ପ୍ରଚାର କରିବ। ନିର୍ବାଚନରେ ସମସ୍ତ ମତଦାତା ସାମିଲ ହୋଇ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଭାବରେ ନିଜର ମୂଲ୍ୟବାନ ଭୋଟ୍ ପ୍ରଦାନ କରି ଗଣତନ୍ତ୍ରକୁ ସଶକ୍ତ ଓ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ଆହ୍ୱାନ ଦେଇଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି ଜିଲ୍ଲାପାଳ, ନିର୍ବାଚନ ପି. ମନସ୍ମିତା, ବିଡିଓ, ନବରଙ୍ଗପୁର ସୁନୀଲ ଖରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିପିଓ ହିମାଂଶୁ ପଟ୍ଟନାୟକ, ରାଜ୍ୟ ରାଜସ୍ୱ ଅମଲା ସଂଘ ସଭାପତି ବାଲାଜୀ ସାହୁ, ମହିଳା ମହାବିଦ୍ୟାଳୟର ଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

## ଦ୍ୱିତୀୟ ଥର ବିଧାୟକ ଆସନ ହାତେଇବା ଆଶାରେ ପ୍ରଭୁ ଯାନୀ

**ଲକ୍ଷ୍ମୀପୁର,୧୨।୪(ସମିସ)**



କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ର୍ଥ ପର୍ଯ୍ୟାୟରେ ନିଜ ଦଳର ପ୍ରାର୍ଥୀ ଘୋଷଣା କରିଛନ୍ତି। ପ୍ରଭୁ ଯାନୀଙ୍କୁ ଦଳ ଭରସା କରି ଦ୍ୱିତୀୟ ଥର ପାଇଁ ପୁଣି ଥରେ ଟିକଟ ଦେଇ ଦଳୀୟ ପ୍ରାର୍ଥୀ କରିଛି। ଗୁରୁବାର ସନ୍ଧ୍ୟାରେ ଘୋଷଣା ହେବା ପରେ ତାଙ୍କ ସମର୍ଥକ ମହଲରେ ଖୁସିର ଲହରୀ ଖେଳିଯାଇଛି। ସେ ଆଗାମୀ ନିର୍ବାଚନରେ ମଧ୍ୟ ଲକ୍ଷ୍ମୀପୁର ବିଧାୟକ ଆସନକୁ ହାତେଇବା ନେଇ ଆଶାବାଦୀ ରହିଥିବା ସେ କହିଛନ୍ତି। ତାଙ୍କୁ ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବେ ଲୋକ ଭୋଟ୍ ଦେଇ ଜୟଯୁକ୍ତ କରାଇବେ ବୋଲି ଆଶା ରଖିଛନ୍ତି। ସରକାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ପାଇଁ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି ତାହା ଲୋକେ ଅଙ୍ଗେ ନିଭାଇଛନ୍ତି। ତା'ର ଫାଇଦା ପାଉଛନ୍ତି। ଲୋକେ ମୁଖ୍ୟମନ୍ତ୍ରୀଙ୍କ ସାଥିରେ ରହିଛନ୍ତି। ତେଣୁ ନିଶ୍ଚିତ ଭାବେ ୨୦୨୪ ନିର୍ବାଚନ ବିଜେଡି ହାତରେ ରହିବ ବୋଲି ଆଲୋଚନା ହେଉଛି। ପ୍ରଭୁ ଯାନୀ ପ୍ରଥମେ ସରପଞ୍ଚରୁ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏବଂ ପରେ ବିଧାୟକ ହୋଇଥିଲେ। ତାଙ୍କ ଧର୍ମ ପତ୍ନୀ ମଧ୍ୟ ଦଶମନ୍ତପୁର ବ୍ଲକରେ ଅଧ୍ୟକ୍ଷା ଅଛନ୍ତି। ଏବେ ପୁଣି ଦଳ ତାଙ୍କ ଉପରେ ଭରସା କରି ଟିକଟ ଦେଇଛି। ଶୁକ୍ରବାର ଶ୍ରୀ ଯାନୀ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ୍ କରି ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସେ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଆଶୀର୍ବାଦ କାମନା କରି ଫେରିଛନ୍ତି।

## ବିଜେପି ଟିକଟ ଆଶାୟୀଙ୍କ ଚେତାବନୀ

# 'ଆମଦାନୀ ନେତାଙ୍କୁ ପ୍ରାର୍ଥୀ କଲେ ସମୂହେ ଦଳ ଛାଡ଼ିବୁ'




**ଲକ୍ଷ୍ମୀପୁର,୧୨।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପାଇଁ ଉଭୟ ବିଜେଡି ଓ କଂଗ୍ରେସ ନିଜ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ବିଜେପି ପକ୍ଷରୁ ଟିକଟ ପାଇବାକୁ ଆଶାୟୀ ଥିବା କର୍ମୀଙ୍କ ମହଲରେ ଏବେ ଚଞ୍ଚଳତା ପ୍ରକାଶ ପାଇଛି। ପୂର୍ବରୁ ଦଳରେ କାର୍ଯ୍ୟ କରି ଆସୁଥିବା ଅଶାୟୀ କର୍ମୀଙ୍କୁ ଟିକଟ ନ ଦେଇ ଆମଦାନୀ ତଥା ଦଳରେ ନୂତନ ଭାବେ ଅନ୍ୟ ଦଳରୁ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ଟିକଟ ପ୍ରଦାନ କଲେ ସାମୂହିକ ଭାବେ ଦଳରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି ବଜେପି କର୍ମୀ। ଶୁକ୍ରବାର ସନ୍ଧ୍ୟାରେ ବିଜେପିର ୪ ଆଶାୟୀ ଯଥା ଉଦୟ ହିକକା, ଅନନ୍ତ ହୁଇଲା, ଭୁବନ ଯାନୀ, ସୀତାରାମ କେନ୍ଦୁକା ସହ ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର, ଦଶମନ୍ତପୁର ବ୍ଲକର ମଣ୍ଡଳ ସଭାପତି, ପଞ୍ଚାୟତ ସଭାପତି, ବୁଥ୍ କମିଟି, ମହିଳା ମୋର୍ଚ୍ଚା, ଏସସି, ଏସଟି ଅନ୍ୟାନ୍ୟ ସବୁ ମୋର୍ଚ୍ଚାର ସଦସ୍ୟସଦସ୍ୟା ଲକ୍ଷ୍ମୀପୁର ସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଏକ ସାମ୍ବାଦିକ ସମ୍ମିଳନୀ କରି ଏଭଳି ଚେତାବନୀ ଦେଇଛନ୍ତି।

ସମ୍ମିଳନୀ ଜରିଆରେ ପୂର୍ବରୁ ବର୍ତ୍ତମାନ ବିଜେପି ଦଳରୁ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ପାଇଁ ଅଶାୟୀ ଥିବା ୪ ପ୍ରାର୍ଥୀ ସଂଗଠନ କରି ଆସୁଛନ୍ତି। ବିଜେପିକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ଆଶାୟୀ ୪ ପ୍ରାର୍ଥୀଙ୍କ ମଧ୍ୟରୁ କାହାକୁ ମଧ୍ୟ ଟିକଟ ଦେଲେ ସମୂହେ ଦଳ ପାଇଁ କାମ କରିବା ସହ ନିର୍ବାଚନରେ ସହଯୋଗ କରିବୁ। ବିଜେପି ଲକ୍ଷ୍ମୀପୁରରେ କିପରି ବିଜୟୀ ହେବ ସେଥିପାଇଁ ଚେଷ୍ଟା ଜାରି ରଖିବୁ। ଯଦି ଦଳ ଆମଦାନୀ ନେତାଙ୍କୁ ଟିକଟ ପ୍ରଦାନ କରେ ତେବେ ସମସ୍ତ କର୍ମକର୍ତ୍ତା ନିର୍ବାଚନ ପ୍ରଚାରରୁ ନିବୃତ୍ତ ରହିବା ସହ ଆବଶ୍ୟକ ପଡ଼ିଲେ ଦଳରୁ ସମୂହ ଇସ୍ତଫା ଦେବାକୁ ବାଧ୍ୟ ହେବୁ ବୋଲି ରାଜ୍ୟ ନେତୃତ୍ୱଙ୍କୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅବଗତ କରାଇଛନ୍ତି। ତେଣୁ ରାଜ୍ୟ ନେତୃତ୍ୱ ଏଥିପ୍ରତି ଗୁରୁତ୍ୱ ଦେଇ ମୁଣ୍ଡ ଉପରେ ନିର୍ବାଚନ ରହିଥିବାରୁ ଶୃଙ୍ଖଳିତ ଚିନ୍ତା କରି ନିଷ୍ପତ୍ତି ନେବାକୁ ସେମାନେ ନିବେଦନ କରିଛନ୍ତି।

## କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରା

**ଉମରକୋଟ,୧୨।୪(ସମିସ):** ଉମରକୋଟ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସନରାଜ ଗଣ୍ଡ ଓ ନବରଙ୍ଗପୁର ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ, ଝରିଗାଁ ବିଧାୟକ ପ୍ରାର୍ଥିନୀ ହାରାବତୀ ଗଣ୍ଡ ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡରାଣୀଙ୍କଠାରେ ପୂଜାର୍ଚ୍ଚନା କରି ଆଶିଷ ନେଇ ପ୍ରଚାର ଆରମ୍ଭ କରିଛନ୍ତି। ପେଣ୍ଡ୍ରାଣୀ ମନ୍ଦିରଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବାହାରି ଉମରକୋଟ ସହର ପରିକ୍ରମା କରିଥିଲେ କଂଗ୍ରେସ ପ୍ରାର୍ଥୀ। ପରେ ସ୍ଥାନୀୟ ଭାଲୁଗୁଡ଼ାଠାରେ ଏକ ସାଧାରଣ ବୈଠକରେ ଯୋଗଦେଇ କର୍ମୀମାନଙ୍କ ସହ ଆଲୋଚନା କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ କିପରି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ ସେଥିପାଇଁ ଆଲୋଚନା କରିଥିଲେ। ଭାଲୁଗୁଡ଼ାଠାରେ କଂଗ୍ରେସ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରାଯାଇଥିଲା। ଟାଣୁଆ ସଂଗଠକ ତଥା ନବରଙ୍ଗପୁର ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ କର୍ମୀଙ୍କ ମନୋବଳ ବଢ଼ାଇବା ସହ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁନା ପାଢ଼ୀ, ଦ୍ୱାରିକା ମହାପାତ୍ର, ଇସା ଲାଠିଆ, ଶଙ୍କର ଦେ, ମାର୍କଣ୍ଡ ସାହୁ, ପର୍ଶୁରାମ ନାୟକ, ଅମୂଲ୍ୟ ପଟ୍ଟନାୟକ, ଏସ୍. ବିଜୟ, ରାଜେଶ ବେନିୟା, ନୀଳମାଧବ ନାୟକ, କୃଷ୍ଣ ମାଝୀ, ଗୌତମ ପଟ୍ଟନାୟକ, ହମିର ହିଙ୍ଗରା, ଶଙ୍କର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିବାବେଳେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବାବୁଲା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ଜୟପୁରରେ ପୁଲିସ ଓ ବିଏସ୍ଏଫ୍‌ର ଫ୍ଲାଗ୍‌ମାର୍ଚ୍ଚ



**ଜୟପୁର,୧୨।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦର ଓ ଟାଉନଥାନା ଅଞ୍ଚଳରେ ପୁଲିସ ଏବଂ ବିଏସ୍ଏଫର ଫ୍ଲାଗମାର୍ଚ୍ଚ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସଦର ଥାନା ପୁଲିସ ଏବଂ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍)ର ଯବାନମାନେ ସଦର ଥାନା ଡକ୍ରିଗୁଡା, ହାଟକଙ୍ଗା, ଫାମ୍ପୁଣି, ଏକମ୍ବା, ଗଡପଦର, କଳାଗୁଡା, ବାରିଣିପୁଟ, ଗେଟଗୁଡା, ବ୍ରାହ୍ମଣି ଗାଁ, ଡଙ୍ଗରଛିଞ୍ଚି, ବାଲିଆ, ଉମୁରୀ, ଆମ୍ବାଗୁଡ଼ା ଗ୍ରାମଗୁଡ଼ିକରେ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଜୟପୁର ଟାଉନ ଥାନାର ରଥପଡ଼ିଆ ଛକଠାରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଥିଲା। ଟ୍ରାଫିକ ଛକ, ପାରାବେଡ଼ା ଛକ, ବ୍ଲକ ଅଫିସ ଛକ, ଫରେଷ୍ଟ କଲୋନୀ, ଖ୍ରୀଷ୍ଟିଆନ ସାହି, ନୂତନ ବସଷ୍ଟାଣ୍ଡ ଦେଇ ପୁଲିସର ଫ୍ଲାଗମାର୍ଚ୍ଚ ଟାଉନ ଥାନାରେ ପହଞ୍ଚିଥିଲେ। ଏହି ଫ୍ଲାଗମାର୍ଚ୍ଚରେ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, ବିଏସ୍ଏଫ୍‌ର ସହକାରୀ କମାଣ୍ଡେଣ୍ଟ ଅନିଲ ଚୌହାନ, ମୁକେଶ କୁମାର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ, ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଏସ୍ଆଇ ରାଜକିଶୋର ବେହେରା, ଶିରିଶ ମହାପାତ୍ର, ସଞ୍ଜିବ ମହାନ୍ତି, ଏଏସ୍ଆଇ ବିଷ୍ଣୁ ମାଡ଼କାମୀ, ଆରକେ ରଥ, କେପି. ବିଶୋୟୀ, କେପି ବିଶୋୟୀ, ପି. ଗମାଙ୍ଗ ଏବଂ ଦୁଇ କମ୍ପାନୀ ବିଏସ୍ଏଫ୍ ଯବାନ ଯୋଗଦେଇଥିଲେ।

## ତ୍ରିସ୍ତରୀୟ ସୁରକ୍ଷା ବାହିନୀର ଯବାନଙ୍କ ସୁରକ୍ଷା କଡ଼ାକଡ଼ି

# ଷ୍ଟ୍ରଙ୍ଗ୍‌ରୁମ୍‌ରେ ୨ ବିଧାନସଭାର ଇଭିଏମ୍ ଓ ଭିଭିପାଟ୍ ମେସିନ୍




**ଜୟପୁର,୧୨।୪(ସମିସ):** କୋରାପୁଟ ଜିଲ୍ଲାରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂତନ ଭବନରେ ନିର୍ମିତ ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ଜୟପୁର ଏବଂ କୋଟପାଡ଼ ବିଧାନସଭା ସହିତ କୋରାପୁଟ ଏବଂ ନବରଙ୍ଗପୁର ଲୋକସଭା ନିମନ୍ତେ ଇଭିଏମ୍ ଓ ଭିଭିପାଟ୍ ମେସିନ ସଶସ୍ତ୍ର ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ପହଞ୍ଚିଛି। ଶୁକ୍ରବାର ଜୟପୁର ବିଧାନସଭାରେ ରହିଥିବା ୨୩୮ଟି ବୁଥ୍ ପାଇଁ ସମୁଦାୟ ୪୭୬ ଇଭିଏମ୍ ଏବଂ ଭିଭିପାଟ୍ ମେସିନ ସମେତ ଅତିରିକ୍ତ ଭାବେ ସମୁଦାୟ ବୁଥର ୨୦ ପ୍ରତିଶତ ଭାବେ ୯୫ଟି ଇଭିଏମ୍ ଏବଂ ଭିଭିପାଟ୍ ମେସିନ ପହଞ୍ଚିଛି। ଗୁରୁବାର କୋଟପାଡ଼ ବିଧାନସଭା ପାଇଁ ୨୪୩ଟି ବୁଥ୍ ପାଇଁ ୪୮୬ଟି ଏବଂ ଅତିରିକ୍ତ ଭାବେ ୯୬ଟି ଇଭିଏମ ଏବଂ ଭିଭିପାଟ୍ ମେସିନ ପହଞ୍ଚିଥିଲା। କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ନିର୍ବାଚନ ଭବନର ଷ୍ଟ୍ରଙ୍ଗରୁମରୁ ଟ୍ରକ୍ ଯୋଗେ ମେସିନଗୁଡ଼ିକ କଡ଼ା ସୁରକ୍ଷାରେ ଅଣାଯାଇଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ଭୋଟଦାନ ପରେ ଏହି ଭୋଟ ଗଣତି ତଥା ଷ୍ଟ୍ରଙ୍ଗରୁମ ଗଣତି ପର୍ଯ୍ୟନ୍ତ ୨୪ ଘଣ୍ଟିଆ ରାଜ୍ୟ ଓ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷାବାହିନୀଙ୍କ ଦ୍ୱାରା ଗଠିତ ତ୍ରିସ୍ତରୀୟ ସୁରକ୍ଷାବଳ ମଧ୍ୟରେ ରଖାଯିବ। ଜିଲ୍ଲା ପୁଲିସର ସଶସ୍ତ୍ର ବାହିନୀର ଯବାନଙ୍କ ମଧ୍ୟରେ ରାଜ୍ୟ ସଶସ୍ତ୍ର ବାହିନୀ ଏବଂ ବାହାରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଭାବେ ସୀମା ସୁରକ୍ଷା ବଳର ଯବାନମାନେ ସୁରକ୍ଷା ପ୍ରଦାନ କରିବେ। ଏହି ମେସିନକୁ ଷ୍ଟ୍ରଙ୍ଗରୁମରେ ସୁରକ୍ଷିତ ରଖିବାବେଳେ ଅତିରିକ୍ତ ଜିଲ୍ଲାପାଳ ଆଲମଣି ସେଠୀ, ଉପଜିଲ୍ଲାପାଳ ପ୍ରଭାତ ରଞ୍ଜନ ପରିଡ଼ା, ତହସିଲଦାର ଡ. ମୋନାଲିସା ଆଚାର୍ଯ୍ୟୀ, ଡେପୁଟି କଲେକ୍ଟର ବାବୁଲାଲ ସାମଲ ଏବଂ ଉପଜିଲ୍ଲାପାଳ କର୍ମଚାରୀମାନେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜୟପୁର ଭୋଟ୍ ଗଣତି କେନ୍ଦ୍ରରେ ଜୟପୁର ଏବଂ କୋଟପାଡ଼ ନିର୍ବାଚନ ମଣ୍ଡଳୀର ଉଭୟ ଲୋକସଭା ଓ ବିଧାନସଭାର ଭୋଟ ଗଣତି ଅନୁଷ୍ଠିତ ହେବ। ଜୟପୁର ଅଣସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୩୮ ବୁଥରେ ୨ ଲକ୍ଷ ୧୧ ହଜାର ୯୦୮ ଭୋଟର ଏବଂ କୋଟପାଡ଼ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୩ ବୁଥରେ ୨ ଲକ୍ଷ ୮ ହଜାର ୨୮୩ ଜଣ ଭୋଟର ରହିଛନ୍ତି। ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ୫୦୪ଟି ଇଭିଏମ୍ ମେସିନ ଏବଂ କୋଟପାଡ଼ ପାଇଁ ୫୦୬ଟି ଇଭିଏମ୍ ମେସିନ ଏହି ଷ୍ଟ୍ରଙ୍ଗରୁମରେ ସୁରକ୍ଷିତ ଭାବେ ରଖିବା ନିମନ୍ତେ ଲୁହା ରେକ୍ ବ୍ୟବସ୍ଥା କରାଯାଇଛି।

# ବର-ଓସ୍ତ ଗଛର ନିଆରା ବିବାହ



**ରାୟଗଡ଼ା,୧୨।୪(ସମିସ):** ରାୟଗଡ଼ା ସହରର ପ୍ରେମ ପାହାଡ଼ ପରିସରର ଏକା ସ୍ଥାନରେ ବଢ଼ିଥିବା ଓସ୍ତ ଗଛ ସହ ବର ଗଛର ଏକ ନିଆରା ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିନ୍ଦୁ ରୀତିନୀତିରେ ଯେପରି ବରକନ୍ୟା ଘର ପକ୍ଷରୁ ବିବାହ କରାଯାଇଥାଏ ସେହି ନୀତି ନିୟମରେ ସମସ୍ତ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ସହର ବ୍ୟବସାୟୀ ଶ୍ରବଣ ବୀରବାବୁ ଓ ତାଙ୍କ ସ୍ତ୍ରୀ ନାଗେଶ୍ୱରମ୍ମା ବରପକ୍ଷ ହୋଇଥିବାବେଳେ ତାଙ୍କ ଝିଅ ମାଧବୀ ଓ ଜ୍ୱାଇଁ ଜି.ବିନୋଦ ବାବୁ କନ୍ୟାପକ୍ଷ ସାଜି ଏହି ବିବାହ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବୀରବାବୁଙ୍କ କୌଣସି ପୁତ୍ର ସନ୍ତାନ ନ ଥିବା ବେଳେ ସେ ନିଜ ତିନିଟି ଝିଅଙ୍କୁ ବାହାଘର କରିସାରିଛନ୍ତି ଏବଂ ତାଙ୍କର ତିନିଟି ନାତୁଣୀ ଅଛନ୍ତି। ତେବେ ପୁତ୍ରଟିଏ ନ ଥିବାରୁ ସେ ଦୀର୍ଘ ୧୮ ବର୍ଷ ତଳେ ଏକ ବର ଗଛ ନିଜ ଘରେ ଲଗାଇଥିଲେ। ଉକ୍ତ ଗଛକୁ ୮ ବର୍ଷ ହେବା ସମୟରେ ତାକୁ ନେଇ ପ୍ରେମ ପାହାଡ଼ର ରକ୍ଷଣାବେକ୍ଷଣ କରୁଥିବା ରାୟଗଡ଼ା ୱାକର୍ସ କ୍ଲବକୁ ଦେଇ ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ପ୍ରେମ ପାହାଡ଼ ପରିସରରେ ଏକ ଓସ୍ତ ଗଛ ରହିଥିବାବେଳେ ଉକ୍ତ ସ୍ଥାନରେ ହିଁ ଏହି ବର ଗଛକୁ ରୋପଣ କରାଯାଇଥିଲା। ଯାହାକି ଆଜକୁ ୧୮ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଓସ୍ତ ଗଛ ଏବଂ ନିଜ ଘରୁ ଆଣିଥିବା ବର ଗଛକୁ ତୁଳସୀ ଗଛକୁ ସାକ୍ଷୀ ରଖି ଏଭଳି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଭଳି ବିବାହ ଦ୍ୱାରା ଗ୍ରାମଶାନ୍ତି, ଦେଶ ଶାନ୍ତି ତଥା ସମାଜର ମଙ୍ଗଳ ହେବ ଏବଂ ସମସ୍ତଙ୍କ ପ୍ରତି ଭଗବାନଙ୍କ ଆଶୀର୍ବାଦ ରହିବ ବୋଲି ଆଶା କରି ଏହି କାର୍ଯ୍ୟକ୍ରମ କରିଥିବା ବୀରବାବୁ ପ୍ରକାଶ କରିଛନ୍ତି। ସେହିପରି ବୃକ୍ଷ ପୂଜା କରିବା ଏବଂ ବୃକ୍ଷକୁ ଦେବତା ଭଳି ମାନିଲେ ପରିବେଶ ଏବଂ ସମାଜର ସୁରକ୍ଷା ହୋଇପାରିବ ବୋଲି ରାୟଗଡ଼ା ୱାକର୍ସ କ୍ଲବ୍ ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏହି ବିବାହ କାର୍ଯ୍ୟକ୍ରମ ଅବସରରେ ପ୍ରେମ ପାହାଡ଼ର ଶିବ ମନ୍ଦିରର ପୂଜକ ସନ୍ତୋଷ ପାଣିଗ୍ରାହୀ ସମସ୍ତ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ସକାଳ ସମୟରେ ବରାନୁଗମନ, ହସ୍ତଗ୍ରନ୍ଥି, ହୋମଯଜ୍ଞ ଭଳି ପୂଜାବିଧି ବର-ଓସ୍ତ ଗଛ ମୂଳେ ଅନୁଷ୍ଠିତ ହୋଇଥିବାବେଳେ ଅଞ୍ଚଳବାସୀଙ୍କ ନିମନ୍ତେ ଭୋଜିଭାତର ଆୟୋଜନ ହୋଇଥିଲା। ଏହି ବିବାହ କାର୍ଯ୍ୟକ୍ରମ ଲାୟନ୍ସ ଏବଂ ୱାକର୍ସ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

### ପାହାଡ଼ ତଳ ଗାଁ ପରଜା ବେଡାପଦର: ଏବେ ବି ଚାଲିଛି ବଦଳ ପ୍ରଥା

# ଫୁଲ ଦେଇ ଲୋକେ ନିଅନ୍ତି ଲୁଣ

**କୋରାପୁଟ,୧୨।୪(ସମିସ)**

ଜିନିଷ ବଦଳରେ ଜିନିଷ ନେବା ପ୍ରଥା ବହୁ ପୁରୁଣା। ମୁଦ୍ରା ପ୍ରଚଳନର ବହୁ ପୂର୍ବେ ଲୋକେ ନିଜ ଉତ୍ପାଦ ବଦଳରେ ଅନ୍ୟ ଉତ୍ପାଦକଙ୍କ ପାଖରେ ଥିବା ସମପରିମାଣର ଆବଶ୍ୟକୀୟ ଜିନିଷ ନେଇଆସୁଥିଲେ। ଅର୍ଥର ପ୍ରଚଳନ ହେବା ପରେ ଜିନିଷ ବଦଳରେ ଜିନିଷର ପ୍ରଚଳନ ବନ୍ଦ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏବେ ବି କୋରାପୁଟ ଜିଲ୍ଲାରେ ରହିଛି ଜିନିଷ ବଦଳି ପ୍ରଥା। ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପରଜା ବେଡାପଦର ଗାଁରେ ଏବେ ବି ଚାଲିଛି ଏହି ପ୍ରଥା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ବ୍ୟବସାୟୀମାନେ ଏଠାକାର ଲୋକମାନଙ୍କଠାରୁ ବଣ ଜଙ୍ଗଲରେ ଫୁଟୁଥିବା ଟେଣ୍ଡକା ଫୁଲ ନେଇ ବଦଳରେ ଲୁଣ ଦିଅନ୍ତି। ପ୍ରତି ଏକ କିଲୋ ଓଜନର ଟେଣ୍ଡକା ଫୁଲ ବଦଳରେ ବେପାରୀ ଦୁଇ କିଲୋ ଲୁଣ ଦେଉଥିବା ଗ୍ରାମବାସୀ କୁହନ୍ତି।

ବର୍ଷର ଦୁଇରୁ ତିନି ମାସ ଦଶମନ୍ତପୁର ବଣ ଜଙ୍ଗଲ ମଧ୍ୟରେ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ସାଙ୍ଗକୁ ଆଦିବାସୀ ମହିଳା ଏହି ଟେଣ୍ଡକା ଫୁଲ ସଂଗ୍ରହ କରି ତା' ବଦଳରେ ସେମାନଙ୍କ ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ଲୁଣ ଭଳି ଖାଦ୍ୟ ପଦାର୍ଥ ପାଇପାରୁଥିବା ଯୋଗୁଁ ସନ୍ତୋଷଲାଭ କରୁଥିବା ପ୍ରକାଶ କରିଛନ୍ତି। ପ୍ରକୃତିର ପ୍ରତିଟି ସମ୍ପଦକୁ ଅମୂଲ୍ୟ ଦାନ ଭାବେ ଗ୍ରହଣ କରୁଥିବା ଏହି ଆଦିବାସୀଙ୍କ ପାଇଁ ଜଙ୍ଗଲରୁ ସଂଗୃହିତ ପଦାର୍ଥଗୁଡ଼ିକୁ ଅର୍ଥ ଆକାରରେ ମୂଲ୍ୟ ଦେବା କିମ୍ବା ଆବଶ୍ୟକ ସମୟରେ ଘର ପାଖେ ମିଳିଯାଉଥିବା ପଦାର୍ଥ ବାସ୍ତବରେ ଲାଭ ଦେଉଛି ନା କ୍ଷତି ସହିବାକୁ ପଡୁଛି ତାହା ଗୁରୁତ୍ୱ ରଖେ ନାହିଁ ବୋଲି ସେହି ଗାଁର ଯୁବକ ଈଶ୍ୱର ଜାନୀ ମତ ରଖିଛନ୍ତି। ତେବେ ଆଦିବାସୀଙ୍କ ଏହି ସରଳତାର ସୁଯୋଗ ନେଇ ଚତୁର ବ୍ୟବସାୟୀ ଅଧିକ ଲାଭବାନ ହେଉଥିବା ମହାଦେଇପୁଟର ସ୍ୱେଚ୍ଛାସେବୀ ସୁରେନ୍ଦ୍ର ମସ୍ତି ଆଶଙ୍କା ବ୍ୟକ୍ତ କରିଛନ୍ତି। ପାରମ୍ପରିକ ଭାବେ ଏହି ଅଞ୍ଚଳର ଲୋକେ ଖାଦ୍ୟ ଶସ୍ୟରେ ଏହି ଫୁଲକୁ ମିଶାଇ ସେଗୁଡ଼ିକର ସଂରକ୍ଷଣ କରିବା ତଥା ମହୁଲ ପୋଚ ଭଳି ଏହି ଫୁଲର ପୋଚରୁ ମଦ ପ୍ରସ୍ତୁତ କରି ଆସୁଥିବାବେଳେ ଏବେ ବାହାର ଅଞ୍ଚଳର ବ୍ୟବସାୟୀ ଏହି ଫୁଲକୁ ଖାଦ୍ୟ ସଂରକ୍ଷଣରେ ବ୍ୟବହାର କରିବାକୁ ଆରମ୍ଭ କରିଥିବା ଯୋଗୁଁ ଏହି ଫୁଲର ଚାହିଦା ବୃଦ୍ଧି ପାଇଥିବା ସେ ଜଣାଇଛନ୍ତି। ନିରୀହ ଗିରିଜନଙ୍କୁ ଫୁଲ ବଦଳରେ ଲୁଣ ଦେଇ ସନ୍ତୁଷ୍ଟ କରିବା ସହ ଏହାର ଉଚିତ୍ ମୂଲ୍ୟ ମିଳିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ମସ୍ତି ମତ ପ୍ରକାଶ କରିଛନ୍ତି।



# ଶେଷ ବର୍ଷ ଛାତ୍ରଛାତ୍ରୀଙ୍କର ପ୍ରୋଜେକ୍ଟ ମୌଖିକ ସାକ୍ଷାତ ଆଲୋଚନା ଶେଷ



ସେମିଳିଗୁଡ଼ା,୧୨।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଧୁନିକ ଭାରତୀୟ ଏବଂ ଓଡ଼ିଶା ଦାର୍ଶନିକମାନଙ୍କର ଦର୍ଶନ, ଚିନ୍ତା ଏବଂ ବ୍ୟାଖ୍ୟା ଉପରେ ପରିକଳ୍ପନା କରି ଏକ ବିସ୍ତୃତ ଏବଂ ସଠିକ୍ ନିବନ୍ଧ ଉପସ୍ଥାପନା କରିଛନ୍ତି। ଭାରତୀୟ ଦାର୍ଶନିକମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ଡ. ବି. ଆର. ଆମ୍ବେଦକର, ସୁଭାଷ ଚନ୍ଦ୍ର ବୋଷଙ୍କ ଦର୍ଶନ ଚିନ୍ତା ଏବଂ ଆଧୁନିକ ଓଡ଼ିଶାର ସହିଦ ଲକ୍ଷ୍ମଣ ନାୟକ, ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦର୍ଶନ ଚିନ୍ତାକୁ ଅନୁଧ୍ୟାନ କରି ଆଧୁନିକ ଭାରତ ଏବଂ ଓଡ଼ିଶାର ରାଷ୍ଟ୍ର ନିର୍ମାଣରେ ପରିକଳ୍ପନା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମସ୍ୟା ବିଜଡ଼ିତ ଘଟଣା ପ୍ରବାହକୁ ଆଧାର କରି ସାମ୍ପ୍ରତିକ ପରିସ୍ଥିତିରେ ଏକ ସୁସ୍ଥ, ସୁଦୃଢ଼ ଭାରତ ଗଠନ କ୍ଷେତ୍ରରେ ଆଧୁନିକତା ପ୍ରତିପାଦନ କରିବା କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତି, ସ୍ୱରାଜ, ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ ଏବଂ ଅସ୍ପୃଶ୍ୟତା ନିରାକରଣ ଅଭିଯାନ ଭାରତୀୟମାନଙ୍କ ମନରେ ଜାତୀୟତାବାଦ ସୃଷ୍ଟି କରିବା ସହିତ ଭାରତୀୟମାନଙ୍କୁ ଏକତ୍ରିତ କରି ସ୍ୱଦେଶୀ ବ୍ୟବହାରକୁ ଅଗ୍ରଗତି ଏବଂ ଲୋକାଭିମୁଖୀ କରିବା କ୍ଷେତ୍ରରେ ଗାନ୍ଧୀଙ୍କର ଦର୍ଶନଚିନ୍ତା କିଭଳି ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକତା ରହିଛି ତାହା ଉପର ବ୍ୟାଖ୍ୟା କରାଯାଇଥିଲା। ଆଧୁନିକ ଭାରତର ନିର୍ମାତା ଜବାହରଲାଲ ନେହେରୁଙ୍କର ଗଣତନ୍ତ୍ରର ପ୍ରତିଷ୍ଠା, ପଞ୍ଚବାର୍ଷିକ ଯୋଜନା କିଭଳି ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଗଣିତ କରିଥିଲା ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଡ. ବି.ଆର. ଆମ୍ବେଦକରଙ୍କ ଅସ୍ପୃଶ୍ୟତା ନିରାକରଣ ଆନ୍ଦୋଳନ, ସଂରକ୍ଷଣ ବ୍ୟବସ୍ଥା, ସମ୍ବିଧାନର ନିର୍ମାଣ କ୍ଷେତ୍ରରେ ଅବଦାନକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। କ୍ରାନ୍ତିକାରୀ ସୁଭାଷ ଚନ୍ଦ୍ର ବୋଷଙ୍କ ତ୍ୟାଗ, ବୀରତା, ଆଜାଦ୍ ହିନ୍ଦ ଫୌଜ ଗଠନ, ଭାରତୀୟ ଜାତୀୟ ସେନା ଏବଂ ଭାରତୀୟ ଜାତୀୟ କଂଗ୍ରେସର ଅନୁଦାନକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଠିକ୍ ସେହିପରି ଭାବରେ ସହିଦ୍ ଲକ୍ଷ୍ମଣ ନାୟକଙ୍କର ବୀରତ୍ୱ ଆଦିବାସୀମାନଙ୍କୁ ଏକତ୍ରିତ କରି ଜମିଦାର ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଏବଂ ମହାତ୍ମା ଗାନ୍ଧୀଙ୍କ ଡକରାରେ ଅନୁପ୍ରାଣିତ ହୋଇ ନିଜକୁ ମୁକ୍ତି ସଂଗ୍ରାମରେ ଝାସଦେବା ଉପରେ ଆଲୋଚନା କରାଯାଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଉତ୍କଳ ସମ୍ମିଳନୀର ଗଠନ, ସ୍ୱଦେଶୀ ବ୍ୟବହାର ଏବଂ ଓଡ଼ିଶାର ସ୍ୱାଭିମାନ ତଥା ଅସ୍ମିତାକୁ ନେଇ ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଗଠନ ଉପରେ ଆଲୋକପାତ ହୋଇଥିଲା। ଗୋପବନ୍ଧୁ ଦାସଙ୍କର ଜାତୀୟତାବାଦ, ମାନବିକତା ତଥା ଓଡ଼ିଶା ଗଠନ କ୍ଷେତ୍ରରେ ଅବଦାନକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ପରିକଳ୍ପନାକୁ ପରୀକ୍ଷା କରିବା ସହିତ ମୌଖିକ ସାକ୍ଷାତ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ଡ. ଝାନ୍ସୀ ସିଂହ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହିତ ଭବିଷ୍ୟତ ଜୀବନରେ ଏହି ମହାପୁରୁଷମାନଙ୍କର ଅବଦାନକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ.ଗୀତା ପଟ୍ଟନାୟକ, ଅଧ୍ୟାପକ ପ୍ରବୋଧ କୁମାର ମଲ୍ଲିକ ଏବଂ ନିରଞ୍ଜନ ପୁଢ଼ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାହାଯ୍ୟ କରିବା ସହିତ ମୌଖିକ ସାକ୍ଷାତକାର ଏବଂ ପରିକଳ୍ପନା ଉପରେ ବିଶେଷ ଗୁରୁତ୍ୱ ଆଲୋଚନା କରିଥିଲେ। ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଧୁନିକ ଭାରତର ଦାର୍ଶନିକମାନଙ୍କ ଉପରେ ନିବନ୍ଧ ପ୍ରସ୍ତୁତ କରି ଉପସ୍ଥାପନା କରିଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଉମରକୋଟ,୧୨।୪(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଜାମୁରଣ୍ଡା ପଞ୍ଚାୟତ ଯୁଡ଼ି ନଂ ୧୪ ଗ୍ରାମରେ ଏକ ଗଛରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଯୁବତୀ ଜଣକ ହେଲେ ମୁସ୍କାନ ଅଧିକାରୀ (୧୯)। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଘରର ସମସ୍ତ ସଦସ୍ୟ ଗ୍ରାମର ଏକ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଘରକୁ ଫେରି ଦେଖିଲା ବେଳକୁ ମୁସ୍କାନ ଘର ସମ୍ମୁଖରେ ଥିବା ଏକ ଗଛରେ ଓଢ଼ଣୀ ବାନ୍ଧି ଝୁଲୁଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ମୁସ୍କାନ ଏହି କାଣ୍ଡ ଘଟାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ମୁସ୍କାନଙ୍କୁ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୁସ୍କାନଙ୍କ ବାପା ବିଜୟ ଅଧିକାରୀ ଶୁକ୍ରବାର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତଭାର ଏସ୍‌ଆଇ ପୂର୍ଣ୍ଣିମା ଟେଟଙ୍କୁ ପ୍ରଦାନ କରାଯାଇଛି।

# ନିର୍ବାଚନକୁ ନେଇ ଆଜିଠୁ ମାଓ ସଂଗଠନର ବିରୋଧ ଦିବସ ପାଳନ

**ମାଲକାନଗିରି,୧୨।୪(ସମିସ):** ମାଓସଂଗଠନର କେନ୍ଦ୍ରୀୟ କମିଟି ପକ୍ଷରୁ ନିର୍ବାଚନକୁ ବିରୋଧ କରି ଶନିବାରଠାରୁ ବିରୋଧ ଦିବସ ପାଳନ ହେବ। ଶନିବାରଠାରୁ ନିର୍ବାଚନକୁ ବିରୋଧ କରିବା ସହ ବିଭିନ୍ନ ସ୍ଥାନରେ ମେଳି କରିବା ନେଇ ସୂଚନା ମିଳିଛି। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ମାଓସଂଗଠନ ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଛତିଶଗଡ଼ ସହ ସୀମାବର୍ତ୍ତୀ ଅଞ୍ଚଳକୁ ଲାଗି ରହିଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିର୍ବାଚନକୁ ବିରୋଧ କରି ମାଓମେଳି କରିବା ନେଇ ମାଓସଂଗଠନର କେନ୍ଦ୍ରୀୟ କମିଟି ପକ୍ଷରୁ ଚିଠି ମାଧ୍ୟମରେ ସ୍ପଷ୍ଟ କରାଯାଇଛି। ମାଓସଂଗଠନ ପୂର୍ବରୁ ମଧ୍ୟ ନିର୍ବାଚନକୁ ବିରୋଧ କରୁଥିବାବେଳେ ବର୍ତ୍ତମାନ ମାଓସଂଗଠନର ଏପରି ପଦକ୍ଷେପ ଚିନ୍ତା ବଢ଼ାଇଛି। ତେବେ ମାଓସଂଗଠନ ନିର୍ବାଚନରେ ବାଧା ଦେବାର ଆଶଙ୍କା ଥିବାରୁ ଏହାର ବହୁ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ଉଭୟ ଛତିଶଗଡ଼ ଓ ମାଲକାନଗିରିରେ କଡ଼ାକଡ଼ି କରାଯାଇଛି। ବିଶେଷ କରି ଉଭୟ ସୀମାରେ ହାଇଆଲର୍ଟ ଜାରି କରାଯାଇ କଡ଼ାକଡ଼ି ଯାଞ୍ଚ କରାଯାଉଥିବା ସହ ସିସିଟିଭି ଲଗାଇ ନଜର ମଧ୍ୟ ରଖାଯାଇ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି। ଶନିବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନକ୍ସଲ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହି ମେଳି ଓ ଶୋଭାଯାତ୍ରା କରାଯିବା ପୂର୍ବରୁ ହିଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିବାବେଳେ ଆଭ୍ୟନ୍ତରୀଣ ସ୍ଥାନ ଉପରେ ବିଶେଷ ଦୃଷ୍ଟି ଦିଆଯାଇଥିବା ସୂଚନା ମିଳିଛି।

# ୧୦୬ କିଲୋ ଗଞ୍ଜେଇ ସହ କାର୍ ଜବତ; ଚାଲାଣକାରୀ ଫେରାର୍

ପଟାଙ୍ଗି,୧୨।୪(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ପୁଲିସ ଗଞ୍ଜେଇ ଚାଲାଣ କରୁଥିବା କାର୍ ସହ ୧୦୬ କିଲୋ ଗଞ୍ଜେଇ ଧରିଥିବାବେଳେ ଚାଲାଣକାରୀ ଫେରାର୍ ହୋଇଯାଇଛନ୍ତି। ସୁନାବେଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।



ସୂଚନା ପ୍ରକାରେ, ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୧୦ରେ ଏକ କାରରେ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ସୂଚନା ମିଳିଥିଲା। ଏହାପରେ ପଟାଙ୍ଗି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଦୁଇଟି ଟିମ୍ ଗଠନ କରି ଗାଡ଼ିକୁ ଧରିବା ନିମନ୍ତେ ବାହାରିଥିଲେ। ଏହି ସମୟରେ ସେମିଳିଗୁଡ଼ାରୁ ସୁଙ୍କି ଦିଗକୁ କାରଟି ଆସିଥିଲା। ପୁଲିସ ଉକ୍ତ ଗାଡ଼ିକୁ ଧରିବା ନିମନ୍ତେ ଗୋଡ଼ାଇବା ଦେଖି ଗାଡ଼ିଟିକୁ ପୋଡ଼ାଲଗୁଡ଼ା ଛକ ନିକଟରେ ଛାଡ଼ି ଚାଲାଣକାରୀ ଫେରାର୍ ହୋଇଯାଇଥିଲେ। ପୁଲିସ ଉକ୍ତ ଗାଡ଼ିରୁ ୬ଟି ଜରି ବ୍ୟାଗରୁ ୧୦୬ କିଲୋ ଗଞ୍ଜେଇ ପାଇଥିଲା। ପୁଲିସ ଉକ୍ତ କାର୍ ଓ ଗଞ୍ଜେଇକୁ ଜବତ କରି ଶୁକ୍ରବାର ଏକ ମାମଲା(୬୫/୨୪) ରୁଜୁ କରି ତଦନ୍ତ କରାଯାଉଥିବା ନେଇ ସେ ସୂଚନା ଦେଇଛନ୍ତି।

# ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟର ଶୁଭ ଉଦ୍‌ଘାଟନ

**କାଶୀପୁର,୧୨।୪(ସମିସ):**




ରାୟଗଡ଼ା ଜିଲ୍ଲା କାଶୀପୁର ସଦର ଓଏଲ୍‌ଏମ୍ କାର୍ଯ୍ୟାଳୟ ପରିସରରେ ଇଡିଆଇଆଇ ଓ ଆଇଡିବିଆଇ ବ୍ୟାଙ୍କ ଆନୁକୂଲ୍ୟରେ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳାଙ୍କୁ ନେଇ ମାଣ୍ଡିଆରେ ପ୍ରସ୍ତୁତ ବିସ୍କୁଟ, କେକ୍ ଲଡୁ, ଆରିସା ପିଠା, ଖଜା, ଗଜା, ଖଡୁ, ଦାନ୍ତକିଲି, ବରଫି ମିଠା, ପାରୁଆ, ପାମ୍ପଡ଼, ମିକ୍ସଚର, ପକୋଡ଼ା, କୁରକୁରି ପ୍ରଭୃତି ସୁଆଦିଆ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ୧୮ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏହି ପ୍ରଶିକ୍ଷଣ ଦ୍ୱାରା ଏଠାକାର ମହିଳାମାନେ ସ୍ୱାବଲମ୍ବୀ ହେବାରେ ସକ୍ଷମ ହେଇପାରିବେ। ଏହାକୁ ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ସହଯୋଗରେ ବେସରକାରୀ ସେବା ସଂସ୍ଥା ଇଡିଆଇଆଇ ସଂସ୍ଥାର ଆନୁକୂଲ୍ୟରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରିସି ପ୍ରୋଜେକ୍ଟ ଦ୍ୱାରା ପରିଚାଳିତ ହେବା ବେଳେ ଏହା ଏକ ମିଲେଟ ମିଶନର ଅଂଶବିଶେଷ ଭାବେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଏହି ପ୍ରଶିକ୍ଷଣ ଓ ପ୍ରସ୍ତୁତି ଦ୍ୱାରା ନିଶ୍ଚିତ ଅଞ୍ଚଳର ମହିଳା ବର୍ଗ ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ସମୃଦ୍ଧି ହେବେ ବୋଲି ବିଶ୍ୱାସ ହେଉଥିବା ପ୍ରକାଶ ପାଇଛି। ଏହାର ଉତ୍ପାଦନ କେନ୍ଦ୍ର କାଶୀପୁର ସଦର ମହକୁମା ଡାକ ଘର ପରିସରରେ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ରାଇଜ ପ୍ରୋଜେକ୍ଟର କୋର୍ଡିନେଟର ତାରିଣୀ ଚରଣ ସାହୁ, ଅଶ୍ୱିନୀ କୁମାର ମିଶ୍ର, କିସର କୁମାର କରକରିଆ (ବିପିଏମ), ଟୁକୁ ବାରିକ(ବିଟିସି), ପ୍ରଶିକ୍ଷକ ଅଶ୍ୱିନୀ ମିଶ୍ର, ସମାଜସେବୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ ହତ୍ୟା ଅଭିଯୋଗ ଆଣି ପରିବାର ଥାନାର ଦ୍ୱାରସ୍ଥ

**କୋଷାଗୁମୁଡ଼ା,୧୨।୪(ସମିସ):** କୋଷାଗୁମୁଡ଼ା ବ୍ଲକ୍ ବାମୁଣି ଗାଁର ବାଳକୃଷ୍ଣ ରନ୍ଧାରୀ(୨୧) ନାମକ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହ କୋଷାଗୁମୁଡ଼ା ପୁଲିସ ଉଦ୍ଧାର କରିଛି। ବାମୁଣି ଗାଁ ପାଖ ଜମିରେ ଥିବା ଏକ ବରଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ପରିବାର ଲୋକେ ବାଳକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଥାନାର ଦ୍ୱାରସ୍ଥ ହେବା ସହ ଏତଲା ଦେଇଛନ୍ତି।

ପରିବାର ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ଗୁରୁବାର ବିଳମ୍ବିତ ରାତିରେ ବାଳକୃଷ୍ଣ ଘରୁ ଖାଇସାରି ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶୁକ୍ରବାର ସକାଳେ ବାମୁଣି ଗାଁ ପାଖ ଜମିରେ ଥିବା ବରଗଛରେ ତାଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ କୋଷଗୁମୁଡ଼ା ଥାନାରେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୁଲିସ ଓ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଶବ ଜବତ କରିଥିଲେ। ଶୁକ୍ରବାର ମୃତ ଯୁବକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ଉମେଶ ନାୟକ କହିଛନ୍ତି। ଏପଟେ ଏସ୍‌ଆଇ ନୀଳିମା ପାଣିଗ୍ରାହୀଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (୫/୨୪) କୋଷାଗୁମୁଡ଼ା ଥାନାରେ ରୁଜୁ ହୋଇଛି। ପୁଲିସ ମାମଲାର ଅଧିକ ତଦନ୍ତ ଚଳାଇଛି।

# ନିର୍ମାଣ ହେଲା ଦଶରାପଦା-ପଡାଲଗୁଡ଼ା ରାସ୍ତା

**ନବରଙ୍ଗପୁର/ନନ୍ଦାହାଣ୍ଡି,୧୨।୪(ସମିସ):**



ନବରଙ୍ଗପୁର ପୌର ପରିଷଦର ଦଶରାପଦା ସାହିଠାରୁ ନନ୍ଦାହାଣ୍ଡି ବ୍ଲକ୍ ପଡାଲଗୁଡ଼ା ରାସ୍ତା ଦୀର୍ଘ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏନେଇ ଦୈନିକ ଖବର କାଗଜ 'ସକାଳ'ରେ ଖବର ପ୍ରକାଶ ପରେ ଏବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅଞ୍ଚଳବାସୀ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପ୍ରଶାସନ ତଥା ବିଭାଗ ଓ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏହି ରାସ୍ତା ଦୀର୍ଘ ବର୍ଷ ହେଲା ବହୁ ଖାଲ ଢିପ ସହିତ ବର୍ଷ ସାରା ପାଣି ଜମି କାଦୁଅରେ ପରିପୂର୍ଣ୍ଣ ଥିଲା। ଲୋକେ ଯାତାୟାତ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜରୁରିକାଳୀନ ପରିସ୍ଥିତିରେ ବୃଦ୍ଧବୃଦ୍ଧା ରୋଗୀ ଏପରିକି ଗର୍ଭବତୀଙ୍କୁ ନେବାଆଣିବା ସମୟରେ ବହୁ ଅସୁବିଧା ହେଉଥିଲା। ଜନସାଧାରଣଙ୍କ ଅସୁବିଧାକୁ ନେଇ ଦଶରାପଦା ସାହିଠାରୁ ନନ୍ଦାହାଣ୍ଡି ବ୍ଲକ୍ ପଡାଲଗୁଡ଼ା ରାସ୍ତାର ଉନ୍ନତି ସକାଶେ ଗତ ଦିନରେ 'ସକାଳ' ଖବର କାଗଜରେ ବହୁବାର ଖବର ପ୍ରସାରଣ କରାଯାଇଥିଲା। ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପରତା ଦେଖାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିଛି। ଏବେ ଲୋକେ ଯିବାଆସିବା କରିବାକୁ ସୁବିଧାଜନକ ହୋଇଛି। ଏହି ରାସ୍ତା ଦେଇ ଯାଉଥିବା ଶତାଧିକ ଲୋକଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଏହି ରାସ୍ତା ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍ ଓ ତେନ୍ତୁଳିଖୁଣ୍ଟି ବ୍ଲକକୁ ସଂଯୋଗ କରୁଥିବାବେଳେ ଉକ୍ତ ଅଞ୍ଚଳର ଶତାଧିକ ମହିଳା, ପୁରୁଷ, ଛାତ୍ରଛାତ୍ରୀ, ରୋଗୀ ନବରଙ୍ଗପୁର ମେଡିକାଲ, ବିଦ୍ୟାଳୟ, ମହାବିଦ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ଏବେ ଲୋକେ ସୁବିଧାରେ ଯିବାଆସିବା କରିପାରୁଥିବାରୁ ପ୍ରଶାସନକୁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି।

'ସକାଳ' ପ୍ରଭାବ

● ମା' ତାରିଣୀଙ୍କ ଘଟଯାତ୍ରା ଶେଷ

# ପୀଠରେ ପହଞ୍ଚି ଭୋଗ ପାଇଲେ ଠାକୁରାଣୀ

**ମାଲକାନଗିରି,୧୨।୪(ସମିସ)**



ମାଲକାନଗିରି ସହର ଉପକଣ୍ଠରେ ଥିବା ମା' ତାରିଣୀଙ୍କ ଚୈତ୍ର ପୂଜା ପାଇଁ ସମସ୍ତ ପ୍ରସ୍ତୁତି ସରିଯାଇଛି। ମା' ତାରିଣୀଙ୍କ ପୀଠଠାରୁ ଶତାଧିକ ମହିଳା ମା' ତାରିଣୀଙ୍କ ଘଟକଳସ ମୁଣ୍ଡାଇ ଗତ ଦୁଇଦିନ ଧରି ବିରାଟ ଶୋଭାଯାତ୍ରାରେ ବାହାରି ପ୍ରଥମେ ବସଷ୍ଟାଣ୍ଡ, ପରେ ହାଇଟେକ୍ କଲୋନୀ, ହାଇସ୍କୁଲ ଛକ ହୋଇ ରିକ୍ଲାମେସନ କଲୋନୀରେ ରାତ୍ରିଯାପନ କରିବା ପରେ ଗୁରୁବାର ରାତିରେ ଡିଏନକେ ଛକ ହୋଇ ୧୧୯ କଲୋନୀ ଅସ୍ଥାୟୀ ତାରିଣୀ ପୀଠରେ ପହଞ୍ଚି ପୀଠରେ ଭୋଗପାଇ ରାତ୍ରିଯାପନ କରିଥିଲେ। ଶୁକ୍ରବାର ଦିନ ତମାମ ରହି ସେଠାରେ ଭୋଗପ୍ରସାଦ ପାଇଥିଲେ। ସମସ୍ତ ଭକ୍ତ ବସ୍ତିବାସିଦାଙ୍କ ପାଇଁ ପୂଜା କମିଟି ପକ୍ଷରୁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ରାତିରେ ବିରାଟ ଶୋଭାଯାତ୍ରା ସାଙ୍ଗକୁ ଆତସବାଜି ଓ ବାଦ୍ୟର ତାଳେ ତାଳେ ତାରିଣୀଙ୍କ ଘଟକୁ ବିରାଟ ଶୋଭାଯାତ୍ରାରେ କୁମୁଟିଗୁଡ଼ା ଦେଇ ସହର ପରିକ୍ରମା କରି ତାରିଣୀଙ୍କ ମନ୍ଦିର ମୁଖ୍ୟ ପୀଠକୁ ନିଆଯାଇଥିଲା। ଏହି ଶୋଭାଯାତ୍ରା ସମୟରେ ସାହିର ଛୋଟ ଛୋଟ ପିଲାଙ୍କୁ ତାରିଣୀଙ୍କ ଘଟ ଓ କଳସ ଯାତ୍ରୀ ଓ ପୂଜକଙ୍କ ଗୋଡ଼ ତଳେ ଗଡ଼ାଇ ଆଶୀର୍ବାଦ ଗ୍ରହଣ କରିଥିଲେ ଭକ୍ତମାନେ।

## ଟ୍ରକ୍ ଓ କାର୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

**ପାପଡ଼ାହାଣ୍ଡି/ମୈଦଲପୁର,୧୨।୪(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଥାନା ଅନ୍ତର୍ଗତ ଆମପାଣି ଘାଟିର ଖଡକା ପୋଲ ନିକଟରେ ଶୁକ୍ରବାର ଟ୍ରକ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ ଜଣ କାର୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ପୁଲିସ ଦୁଇ ଜଣଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସୋନପୁର ଅଞ୍ଚଳର ଶଙ୍କରସେନ ମେହେର, ଜଗତ ମେହେର କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରୁ ଏକ କାର୍ (ଓଡି୧୦ଏଚ ୦୬୫୬) ଯୋଗେ ଦୁହେଁ ଭବାନୀପାଟଣା ଯାଉଥିବା ସମୟରେ ଭବାନୀପାଟଣାରୁ ନବରଙ୍ଗପୁର ଯାଉଥିବା ଏକ ଟ୍ରକ୍ (ଏପି୧୬ ସିଏଚ ୫୧୮୯) ସହ ଖଡକା ପୋଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାରରେ ରହିଥିବା ଜଗତ ମେହେର ଓ ଶଙ୍କର ସେନ ଗୁରୁତର ହୋଇଥିଲେ। ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ ଗୁରୁତରଙ୍କୁ ଭର୍ତ୍ତି କରିଥିଲେ।

## କୋଷାଗୁମୁଡ଼ାରେ ଫ୍ଲାଗ୍‌ମାର୍ଚ୍ଚ



**କୋଷାଗୁମୁଡ଼ା,୧୨।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୋଷାଗୁମୁଡ଼ା ବ୍ଲକର ରାଜୋଡା ଏବଂ କେର୍ଲା ଗାଁଠାରେ କୋଷାଗୁମୁଡ଼ା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗାମୀ ଦିନରେ କର୍ଚମାଲ, ସନ୍ତୋଷପୁର, ବଡ଼ ଆମ୍ବଡା, ତାରା ଗାଁଭଳି କୋଷାଗୁମୁଡ଼ା ବ୍ଲକର ଦୁଇଟି ଥାନା ଏବଂ ଗୋଟିଏ ଫାଣ୍ଡି ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହେବ ବୋଲି ଏସଡିପିଓ ମିନାକ୍ଷୀ ଠାକୁର କହିଛନ୍ତି। କୋଷାଗୁମୁଡ଼ା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ବୋର୍ଡରରେ ରହିଛି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଏବଂ ଅପରାଧିକ କାର୍ଯ୍ୟକଳାପକୁ ରଖିବା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। ସମ୍ବେଦନଶୀଳରୁ ଅତିସମ୍ବେଦନଶୀଳ ଏରିଆରେ ଆଗାମୀ ଦିନରେ ଫ୍ଲାଗମାର୍ଚ୍ଚ କରାଯିବ ବୋଲି ପୁଲିସ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଏସଏଫ୍ ଯବାନ ଦୁଇ ପ୍ଲାଟୁନ ସହ ଏସଡିପିଓ ମିନାକ୍ଷୀ ଠାକୁର, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, କୋଷାଗୁମୁଡ଼ା ଥାନା ଅଧିକାରୀ ଉମେଶ ନାୟକ, ଏସଆଇ ସୁଧାଂଶୁ କୁମାର ବାରିକ, ଏସଆଇ ନିଲିମା ପାଣିଗ୍ରାହୀ, ଏଏସଆଇ ରାମ ଖଣ୍ଡଗିରି ଏବଂ ଏସଏଫ ଅଫିସର ମିଳିତ ଭାବେ ଫ୍ଲାଗମାର୍ଚ୍ଚରେ ଯୋଗଦେଇଥିଲେ। ଏହି ଫ୍ଲାଗମାର୍ଚ୍ଚ ସମୟରେ କେର୍ଲା ଗାଁର ଏକ ପରିତ୍ୟକ୍ତ ଗୃହ ମଧ୍ୟରୁ ପ୍ରାୟ ୫୦୦ ଲିଟର ଦେଶୀ ରନ୍ଧା ମଦ ଓ ପ୍ରାୟ ୩୮୦୦ ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରାଯାଇଛି ବୋଲି କୋଷାଗୁମୁଡ଼ା ଥାନା ଅଧିକାରୀ ଉମେଶ ନାୟକ କହିଛନ୍ତି। ଆଗମୀ ଦିନରେ ବ୍ଲକିଂ ଚେକିଂ କଡ଼ାକଡ଼ି ହେବ ବୋଲି ଏସଡିପିଓ ମିନାକ୍ଷୀ ଠାକୁର କହିଛନ୍ତି।

## ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ



ସେମିଳିଗୁଡା,୧୨।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସତ୍ୟ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମାରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର ଓ ହାଲ୍ ସୁନାବେଡ଼ାର ଡିଜିଏମ୍ ଆଲୋକ ପ୍ରାମାଣିକ ଯୋଗଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦିକା ସସ୍ମିତା ନାୟକ, ସଭାପତି ଶିବ ଚରଣ ପାଣି, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମୌଳିକ ଅଧିକାରରୁ ବଞ୍ଚିତ ଭରିଭଟା ଗ୍ରାମବାସୀ

# ଦୀପ ଆଲୁଅରେ ଭବିଷ୍ୟତ ଖୋଜୁଛନ୍ତି ଛାତ୍ରଛାତ୍ରୀ



**କଲ୍ୟାଣସିଂହପୁର,୧୨।୪(ସମିସ)**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଆଜି ମଧ୍ୟ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛି ଅନେକ ଗାଁ। ଉକ୍ତ ବ୍ଲକ୍ ଭରିଭଟା ଗାଁରେ ସନ୍ଧ୍ୟା ହେଲେ ଅନ୍ଧାର ରାଜୁତି କରୁଛି। ଦୀପର ମିଞ୍ଜି ମିଞ୍ଜି ଆଲୁଅରେ ନିଜ ଭବିଷ୍ୟତ ଖଜୁଛନ୍ତି ଏଠାକାର ଛାତ୍ରଛାତ୍ରୀ। ତେଲ ଥିବା ଯାଏଁ ପାଠ ପଢ଼ନ୍ତି; ତେଲ ସରିଗଲେ ପାଠପଢ଼ା ଠପ୍। ବେଳ ଥାଉଁ ଥାଉଁ ଏଠାକାର ଲୋକେ ରନ୍ଧାବଢ଼ା ସାରିଦିଅନ୍ତି। ଆଉ ସନ୍ଧ୍ୟା ପରେ ଏଭଳି ଅନ୍ଧାରରେ ରାତି ବିତାଉଛନ୍ତି।

ଗାଁ ଲୋକେ କେବଳ ବିଜୁଳି ଆଲୁଅ ନୁହେଁ, ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। ଗ୍ରୀଷ୍ମ ଋତୁରେ ଚଳିଯାଏ, କିନ୍ତୁ ବର୍ଷା ଦିନରେ ଅନେକ ଦୁର୍ଦ୍ଦଶା ଭୋଗୁଛନ୍ତି ଉକ୍ତ ଗାଁ ଲୋକେ। ସାମାନ୍ୟ ଅସୁସ୍ଥତା ହେଉ କିମ୍ବା ଗର୍ଭବତୀ ମହିଳା ସେମାନଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଖଟିଆ ହିଁ ଭରସା। ସମସ୍ୟା ଏତକିରେ ସାରିନାହିଁ। ଗାଁରେ ଥିବା ଏକମାତ୍ର ସୌରଚାଳିତ ନଳକୂଅ ଅଚଳ ହୋଇ ଏକ ମାସ ବିତିଗଲାଣି କିନ୍ତୁ ପ୍ରଶାସନ କିମ୍ବା ନେତା କାହାରି ଧ୍ୟାନ ନାହିଁ। ଚଳିତ

- **ବେଳ ଥାଉ ଥାଉ ରନ୍ଧାବଢ଼ା ଶେଷ**
- **ରାସ୍ତା ନ ଥିବାରୁ ରୋଗୀଙ୍କୁ ଖଟିଆ ହିଁ ଭରସା**

ବର୍ଷ ନିର୍ବାଚନରେ ଭୋଟ୍ ନ ଦେବାକୁ ସିଧାସଳଖ ଚେତାବନୀ ଦେଇଛନ୍ତି ଉକ୍ତ ଗ୍ରାମବାସୀ। ଏ ସବୁ ସମସ୍ୟା ନେଇ ସ୍ଥାନୀୟ ନେତା ବ୍ଲକ୍ ପ୍ରଶାସନ ପରେ ଜିଲ୍ଲା ପ୍ରଶାସନ ନିକଟକୁ ଅନେକଥର ଗୁହାରି କଲା ପରେ ମଧ୍ୟ ସମସ୍ୟା ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ। ଗାଁକୁ ରାସ୍ତା ନ ଥିବାରୁ ଗାଁକୁ ପହଞ୍ଚି ପାରୁନାହିଁ ବିକାଶ। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଗାଁରେ ପହଞ୍ଚିବ ଏବଂ କେବେ ଗାଁର ମୌଳିକ ସମସ୍ୟାକୁ ଦୂର କରିବ ବୋଲି ଗାଁର କୁନାକା ସୁନ୍ଦେରା, କରସିକା ସିତନା, କୁନାକା ରାଣୀମା, କୁନାକା ସାଜେ ଓ ରାଇସିଙ୍ଗ କାରସିକା କହିଛନ୍ତି।



## ପୁଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ଉ; ୫ ଗିରଫ

**ତେନ୍ତୁଳିଖୁଣ୍ଟି,୧୨।୪(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ଓ ପୁଲିସର ମିଳିତ ଚଢ଼ଉ ହୋଇଛି। ଏଥିରେ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ଉବେଳେ ବହୁଳ ପରିମାଣ ର ମହୁଲ ପୋଚ ଓ ବ୍ୟବହୃତ ସାମଗ୍ରୀ ଜବତ କରି ଘଟଣାସ୍ଥଳରେ ନଷ୍ଟ କରି ଦିଆଯାଇଥିବା ସୂଚନା ମିଳିଛି। ସେହିପରି ୩୫୫ ଲିଟର ରନ୍ଧା ମହୁଲି ମଦ ଜବତ ହୋଇଥିବା ତେନ୍ତୁଳିଖୁଣ୍ଟି ଆଇଆଇସି ଗୋପାଳ କୃଷ୍ଣ ଆଗୁପାତ୍ର ସୂଚନା ଦେଇଛନ୍ତି। ଚଢ଼ଉ ସମୟରେ ତେନ୍ତୁଳିଖୁଣ୍ଟି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାଜ କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ତେନ୍ତୁଳିଖୁଣ୍ଟି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଶ୍ରୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତେନ୍ତୁଳିଖୁଣ୍ଟି ଆଇଆଇସି ଗୋପାଳ କୃଷ୍ଣ ଆଗୁପାତ୍ର, ଅବକାରୀ ବିଭାଗ ଇନ୍ସପେକ୍ଟର ଦିଲ୍ଲୀପ କୁମାର ରଥ, ଇନ୍ସପେକ୍ଟର ସୁଜିତ



କୁମାର ନାଗ, ଏଏସଆଇ ତ୍ରିନାଥ ସୌରା, ଫ୍ଲାଇଙ୍ଗ ସ୍କ୍ୱାଡର ଭରତ ମାଝି, ସତ୍ୟ ଭତରା, ଅମରେନ୍ଦ୍ର ପାଣିଗ୍ରାହୀ, ସରୋଜ ଗଣ୍ଡା ଏବଂ ବହୁ କର୍ମଚାରୀ ତେନ୍ତୁଳିଖୁଣ୍ଟି ବ୍ଲକର କୁସୁମୀ, ଚିତ୍ରକୋଟ, ମେଣ୍ଟ୍ରି ଓ ନୂଆଗାଁ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଏହି ଚାରି ଗ୍ରାମରୁ ୩୫୦୦ ଲିଟର ମହୁଲି ପୋଚ ଜବତ କରି ଘଟଣାସ୍ଥଳରେ ନଷ୍ଟ କରି ଦିଆଯାଇଥିଲା। ସେହିପରି ୩୫୫ ଲିଟର ରନ୍ଧା ମହୁଲି ମଦ ଜବତ କରିବା ପରେ ସେଥିରୁ ୨୭୫ ଲିଟର ଘଟଣା ସ୍ଥଳରେ ନଷ୍ଟ କରି ଦିଆଯାଇଛି। ଏହି ମାମଲାରେ ୫ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ତେନ୍ତୁଳିଖୁଣ୍ଟି ଥାନାରେ ୨ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକା ଛଡ଼ା ଯାଇଥିବାବେଳେ ଅନ୍ୟଜଣଙ୍କୁ କୋର୍ଟରୁ ଜାମିନ ମିଳିଛି ଏବଂ ୨ ମଦ ବ୍ୟବସାୟୀଙ୍କୁ ଜେଲକୁ ପଠାଯାଇଥିବା ପୁଲିସ ଏବଂ ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା କରିବା ଲକ୍ଷ୍ୟରେ ଅଞ୍ଚଳରେ ବାରମ୍ବାର ଚଢ଼ଉ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

## ସରାଗୁଡ଼ାରେ ମାଟିଯାତ୍ରା ପର୍ବ ପାଳିତ

**ଡାବୁଗାଁ,୧୨।୪(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ସରାଗୁଡ଼ା ଗ୍ରାମରେ ମାଟିଯାତ୍ରା ତଥା ବିହନଛିନା ପର୍ବ ଶୁକ୍ରବାର ପାଳିତ ହୋଇଯାଇଛି। ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠାକାର ୯୦ ପ୍ରତିଶତ ଆଦିବାସୀ କୃଷି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ନବରଙ୍ଗପୁର ଜିଲ୍ଲାରେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଆଞ୍ଚଳିକ ପର୍ବପର୍ବାଣୀ ସବୁ ପାଳିତ ହେଉଥିବାବେଳେ କୃଷିଭିତ୍ତିକ ପର୍ବପର୍ବାଣୀଗୁଡ଼ିକର ମଧ୍ୟ ଅନେକ ମହତ୍ୱ ରହିଛି। ଚୈତ୍ର ମାସର ପ୍ରାରମ୍ଭରେ ଚାଷୀମାନେ ଏହି ମାଟିଯାତ୍ରା ପର୍ବକୁ ପାଳନ କରିଥାନ୍ତି। ବିହନଛିନା ପର୍ବ ତଥା ମାଟିଯାତ୍ରା ହେଉଛି ଆଦିବାସୀମାନଙ୍କ ପ୍ରଥମ କୃଷିଭିତ୍ତିକ ପର୍ବ। ଏହି ପର୍ବକୁ କୃଷି ଅନୁକୂଳ ପର୍ବ ମଧ୍ୟ କୁହାଯାଏ।

ଗାଁ ପାଖରେ ଏକ ଜମିରେ ଥିବା ଠେଙ୍ଗୁଆଭୀମା ଦେବତାଙ୍କ ପ୍ରତୀକ ଭାବେ ଥିବା ଏକ ପଥର ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଘରୁ ସାଙ୍ଗରେ ଆଣିଥିବା ଧାନ ବିହନକୁ ଉକ୍ତ ସ୍ଥାନରେ ବୁଣାଯାଇଥାଏ। ରାତିରେ ବୁଣାଯାଇଥିବା ବିହନକୁ ଗ୍ରାମର ପୂଜାରୀ ସଂଗ୍ରହ କରି ବିହନରେ ବିଭିନ୍ନ ରଙ୍ଗ ବୋଳାଯାଇଥାଏ। ପରେ ପୂଜାରୀ ଏହି ରଙ୍ଗ ବୋଳା ଯାଇଥିବା ଧାନକୁ ଘରୁ ଆଣି ଗ୍ରାମର ସମସ୍ତ ଚାଷୀଙ୍କୁ ଅଳ୍ପ ଅଳ୍ପ ବଣ୍ଟାଯାଇଥାଏ। ପରେ ଗ୍ରାମର ସମସ୍ତ ଚାଷୀ ପୂଜାରୀ ଦେଇଥିବା ବିହନକୁ ବନ୍ଦାପନା କରି ଘର ଭିତରକୁ ପାଛୋଟି ନେଇଥାନ୍ତି। ପରେ ଉକ୍ତ ବିହନକୁ ଏକ ନୂତନ ମାଟି ହାଣ୍ଡିରେ ଧାନ ବୁଣା ସମୟ ପର୍ଯ୍ୟନ୍ତ ଯତ୍ନରେ ରଖିବା ପରେ ଧାନ ବୁଣିବା ଦିନ ଉକ୍ତ ଶୁଭ ବିହନକୁ ଅନ୍ୟ ବିହନ ସହ ମିଶାଇ ଜମିରେ ବୁଣିଥାନ୍ତି। ଏଥିରେ ଗ୍ରାମର ପୂଜାରୀ ଗଜବଳ ପୂଜାରୀଙ୍କ ସହ କପୁର ଚନ୍ଦ୍ର ମାଝି, ଲାଇବାନ ଭତ୍ରା, କରମା ପୂଜାରୀ, ଚୈତନ୍ୟ ଭତ୍ରା, ସୁକଦେବ ପୂଜାରୀ, ପୁରନ ମାଝି, ବୈଦ୍ରୁ ଭତ୍ରା, ଦଶରଥ ଭତ୍ରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଧୂଳିଦଣ୍ଡ, ଅଗ୍ନିଦଣ୍ଡରେ ନନ୍ଦପୁରରେ ଭକ୍ତିମୟ ପରିବେଶ



**ନନ୍ଦପୁର,୧୨।୪(ସମିସ):** ନନ୍ଦପୁର ଜନସାଧାରଣଙ୍କ ଦ୍ୱାରା ଆୟୋଜିତ ସଦରମହକୁମାରେ ମା' ଦଣ୍ଡକାଳୀ ପ୍ରସିଦ୍ଧ ଦଣ୍ଡଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହାଆଡ଼ମ୍ବରରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ଧନେଶ୍ୱର ଦାସ, ପ୍ରଭାକର ମହାରଣା, ଶିବ ପ୍ରସାଦ ବେବର୍ତ୍ତା, ପ୍ରଦୀପ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋରାପୁଟରୁ ମୋଟ ୬୦ ଜଣ ଦଣ୍ଡୁଆ ଦଳ ନନ୍ଦପୁର ପହଞ୍ଚିଥିଲେ। ନୀତି ଅନୁସାରେ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ପରେ ଦଣ୍ଡୁଆମାନେ ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା' ଦଣ୍ଡକାଳୀଙ୍କ ସନ୍ଧ୍ୟା ଆଳତି କରାଯାଉଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଦଣ୍ଡୁଆଙ୍କ ଏକ ଦଳ ପକ୍ଷରୁ ନାଟ୍ୟ ରୂପାନ୍ତର 'ଆଖିର ଜନମ କନ୍ଦିବା ପାଇଁ' ନାଟକ ପରିବେଷଣ କରାଯାଇଥିଲା।

## ଚିଙ୍ଗୁଡ଼ିଘେରିରେ ଶ୍ରମିକଙ୍କୁ ନିର୍ଯାତନା ଅଭିଯୋଗ

**ନବରଙ୍ଗପୁର,୧୨।୪(ସମିସ)**

ଖାଇବା ଓ ରହିବାକୁ ସୁବିଧା ଦେଇ ଦୈନିକ ୫ଶହ ଟଙ୍କା ପାରିଶ୍ରମିକ ଦେବେ କହିଥିଲା। ଚିଙ୍ଗୁଡ଼ିଘେରି କରିଥିବା ମାଲିକ ଶ୍ରମିକମାନଙ୍କୁ ନିର୍ଯାତନା ଦେବା ସହ ପାରିଶ୍ରମିକ ଦେଉ ନ ଥିଲେ। ଏନେଇ ଶ୍ରମିକମାନେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଗଠନ ଜିଲ୍ଲା ସମ୍ପାଦକ ରାଜେଶ ଜାନୀ ଓ ଝରିଗାଁ ବ୍ଲକ୍ ଭଇଁସି ବନ୍ଧାଗାଁର ଭଗ ସନ୍ତାନକୁ ଜଣାଇଥିଲେ। ଶ୍ରମିକଙ୍କ ପରିବାର ସହିତ ରାଜେଶ ଓ ଭଗ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ୮ଓ ୯ ତାରିଖ ଦିନ ୨୦ ଜଣ ଶମିକଙ୍କ ନାଁ ଓ ଠିକଣା ଜଣାଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଅଭିଯୋଗକୁ ନେଇ ଜିଲ୍ଲାପାଳ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ ପରେ ଏଠାରୁ ଆନ୍ଧ୍ର ପ୍ରଦେଶର ଇଷ୍ଟ ଗୋଦାବରୀ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ। ଶ୍ରମିକମାନେ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପଠାଇବା ପାଇଁ ଜଣାଇଥିଲେ। ଇଷ୍ଟ ଗୋଦାବରୀ ଜିଲ୍ଲା ପେଦାପୁଡି ଗାଁରୁ



ସେଠାକାର ପ୍ରଶାସନ ୨୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ନବରଙ୍ଗପୁର ପଠାଇଛନ୍ତି। ନବରଙ୍ଗପୁର ପହଞ୍ଚିବା ପରେ ଶ୍ରମିକମାନେ ପ୍ରାପ୍ୟ ପାଇ ନ ଥିବା ବିଷୟରେ ନବରଙ୍ଗପୁର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଶ୍ରମିକମାନେ ଉଦ୍ଧାର କରାଯିବା ସମୟରେ ସେମାନଙ୍କୁ କାହାକୁ ୯ ହଜାର ଓ ୧୨ ହଜାର ଭଳି କିଛି କିଛି ଟଙ୍କା ଦେଇଥିଲା ମାଲିକ।

ତେନ୍ତୁଳିଖୁଣ୍ଟି ବ୍ଲକ୍ ମିରିଜାନିଗୁଡ଼ା ଗାଁର ପଦଲାମ ପତ୍ର କହିବା ଅନୁଯାୟୀ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଔଷଧ ଦିଆଯାଉ ନ ଥିଲା। ଚିକିତ୍ସା ପାଇଁ ମଧ୍ୟ ସୁବିଧା ନ ଥିଲା। ସନ୍ଧ୍ୟା ହେଲେ ଗୋଟିଏ ଘର ଭିତରେ ରଖି ତାଲା ପକାଇ ଦିଆଯାଉଥିଲା। ଘର ଲୋକଙ୍କୁ କଥା ହେବାକୁ ଦିଆଯାଉ ନ ଥିଲା। ଦିନେ ମଧ୍ୟ ଛୁଟି ଦିଆଯାଉ ନ ଥିଲା। ଅଭିଯୋଗ କଲେ ମାଡ଼ ମାରୁଥିଲେ। ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା ଖଟାଉଥିଲେ। ପାରିଶ୍ରମିକ ଦେଉ ନ ଥିଲେ। ଜାନୁଆରୀ ୧ ତାରିଖରୁ ସେଠାରେ କାମ କରୁଥିଲୁ। ପାରିଶ୍ରମିକ ଦେଉ ନ ଥିଲେ। ଉଦ୍ଧାର କରାଯିବା ସମୟରେ କିଛି କିଛି ଟଙ୍କା ଦେଇଛନ୍ତି। ଆହୁରି ଶ୍ରମର ଟଙ୍କା ପାଇନାହୁଁ ବୋଲି କହିଛନ୍ତି। ଆହୁରି ୧୧ ଜଣ ସେଠାରେ ରହିଯାଇଛନ୍ତି। ୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। କିରପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ୬ ଜଣ ଓ ଝରିଗାଁ ବ୍ଲକ ୫ ଜଣ ରହିଯାଇଛନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଉଦ୍ଧାର ହୋଇଥିବା ୨୦ ଜଣ ଶ୍ରମିକ ମଧ୍ୟରୁ ୧୪ ଜଣ ଝରିଗାଁ ବ୍ଲକର, ୨ ଜଣ ଚନ୍ଦାହାଣ୍ଡି ବ୍ଲକର, ୩ ଜଣ ତେନ୍ତୁଳିଖୁଣ୍ଟି ବ୍ଲକର ଓ ଜଣେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର। ତେବେ ଶ୍ରମର ବକେୟା ଅର୍ଥ ଯେଉଁମାନେ ପାଇନାହାନ୍ତି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ କହିଛନ୍ତି।

## ଉମରକୋଟରେ ରକ୍ତଦାନ ଶିବିର ପାଇଁ ବୈଠକ

**ଉମରକୋଟ,୧୨।୪(ସମିସ):** ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ଡାକ୍ତର ଶରତ ଚନ୍ଦ୍ର ସେଠୀ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ କୁମାର ରାଉଳ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡା, ଡାକ୍ତର ସବ୍ୟସାଚୀ ଦାସ, ଅଫଥାଲମିକ ଆସିଷ୍ଟାଣ୍ଟ ରାମ ବାବୁ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ଚଳିତ ମାସ ୧୬ ତାରିଖ ଦିନ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ରକ୍ତଦାନ ମହାପୁଣ୍ୟ ତେଣୁ ପ୍ରତ୍ୟକ ତିନିମାସ ବ୍ୟବଧାନରେ ପୁରୁଷମାନେ ଓ ୬ମାସ ବ୍ୟବଧାନରେ ମହିଳାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ଭଲ ଏବଂ ରକ୍ତଦାନ କଲେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରୁହେ ବୋଲି ଡାକ୍ତର ସନ୍ତୋଷ ପଣ୍ଡା ସୂଚନା ଦେଇଥିଲେ। ସେହିଭଳି ଆଗାମୀ କିଛି ମାସ ମଧ୍ୟରେ ଉମରକୋଟ ରକ୍ତ ଭଣ୍ଡାର କାର୍ଯ୍ୟକାରୀ ହେବ। ଏହି ସମୟରେ ଆମକୁ ରକ୍ତ ଗଚ୍ଛିତ ରଖିବାକୁ ପଡ଼ିବ। ତେଣୁ ବର୍ତ୍ତମାନଠାରୁ ବିଭିନ୍ନ ସଂଗଠନ, ସଂସ୍ଥା, ଅନୁଷ୍ଠାନ ପକ୍ଷରୁ ଦିନ ଧାର୍ଯ୍ୟ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିଠା ମାଧ୍ୟମରେ ସୂଚନା ଦେଲେ। ଉକ୍ତ ସଂସ୍ଥା ବା ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କଲେ ତାଙ୍କୁ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସହଯୋଗ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆକାଉଣ୍ଟ ମ୍ୟାନେଜର ବିଶ୍ୱଜିତ ସୁନା, ହସ୍ପିଟାଲ ମ୍ୟାନେଜର ଶୁଭ୍ରାଂଶୁ ପାଲଟାସିଂ, ଛୋଟୁ କଲାର, କୁରୁମା ରାଓ, ସମାଜସେବୀ ସଲିମ ରାଠୋର, ରଜତ ସାନ୍ତ୍ରା, ଯୁଗଳ କିଶୋର ସାହୁ, ଅନୁରାଗ ପଟ୍ଟନାୟକ, ସୁଶୀଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



ସକାଳ THE SAKALA



# ଜିଲ୍ଲାରେ ମତଦାନ ହାର ୮୫%ରୁ ଅଧିକ ବଢ଼ାଇବାକୁ ଉଦ୍ୟମ



**ରାୟଗଡ଼ା,୧୨।୪(ସମିସ):** ରାୟଗଡ଼ା ଜିଲ୍ଲାରେ ସ୍ୱଚ୍ଛ, ଅବାଧ ନିର୍ବାଚନ ସହ ଜିଲ୍ଲାବାସୀ କିପରି ଉତ୍ସାହର ସହ ଭୋଟଦାନ କରିବେ ସେ ନେଇ ପ୍ରଶାସନ ତରଫରୁ ବ୍ୟାପକ ରଣନୀତି ଉଦ୍ୟମ ଆରମ୍ଭ ହୋଇଯାଇଛି। ପ୍ରଭାବଶାଳୀ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (ଏସଭିଇଇପି) ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି। ଏ ନେଇ ଚଳିତ ସାଧାରଣ ନିର୍ବାଚନର ମହାପର୍ବରେ ଅଧିକରୁ ଅଧିକ ଭୋଟର ନିଜ ମତଦାନ ଅଧିକାରକୁ ସାବ୍ୟସ୍ତ କରିବେ ଏବଂ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ସେଥିପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ୨୦୨୪ ନିର୍ବାଚନରେ ପ୍ରଥମ ଥର କରି ଭୋଟର ଲିଷ୍ଟରେ ସାମିଲ ହୋଇଥିବା ୨୦ ହଜାର ନୂତନ ଯୁବ ଭୋଟରଙ୍କ ଉପରେ ଫୋକସ୍ ରଖିଛି ଜିଲ୍ଲା ପ୍ରଶାସନ। ଏଥି ନିମନ୍ତେ ପ୍ରଶାସନ ତରଫରୁ ବିଭିନ୍ନ ମହାବିଦ୍ୟାଳୟରେ ମତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯାଉଛି। ଜିଲ୍ଲାରେ ସମସ୍ତ ଦିବ୍ୟାଙ୍ଗ, ଗର୍ଭବତୀ ମହିଳା, ବରିଷ୍ଠ ନାଗରିକ ଯେପରି ସୁବିଧାରେ ଭୋଟଦାନ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଯେଉଁ ଦିବ୍ୟାଙ୍ଗ ଓ ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭୋଟଦାନ କେନ୍ଦ୍ରକୁ ପହଞ୍ଚିବାରେ ଅକ୍ଷମ, ସେମାନଙ୍କ ପାଇଁ ନିଜ ଘରେ ବସି ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟଦାନ ବ୍ୟବସ୍ଥା କରାଯାଉଥିବା ଶ୍ରୀ କହଁର ପ୍ରକାଶ କରିଛନ୍ତି। ୨୦୧୯ ନିର୍ବାଚନରେ ଜିଲ୍ଲାରେ ୭୫ ପ୍ରତିଶତ ମତଦାନ ହୋଇଥିବାବେଳେ ୨୦୨୪ ନିର୍ବାଚନରେ ଜିଲ୍ଲାରେ ୮୫ ପ୍ରତିଶତ ମତଦାନର ଲକ୍ଷ୍ୟ ରଖିଛି ପ୍ରଶାସନ। ଯେଉଁ ବୁଥଗୁଡ଼ିକରେ ଲକ୍ଷ୍ୟ ଧାର୍ଯ୍ୟଠାରୁ କମ୍ ମତଦାନ ହେଉଛି ସେ ବୁଥଗୁଡ଼ିକରେ କିପରି ଅଧିକ ପ୍ରତିଶତ ମତଦାନ ହେବ ସେ ନେଇ ପ୍ରଶାସନ ତରଫରୁ ସଚେତନ କାର୍ଯ୍ୟକ୍ରମ କରାଯାଉଛି।

ଏଥିରେ ରାୟଗଡ଼ା ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସଂଘମିତ୍ରା କଲ୍ୟାଣୀ ଦେବୀ ଯୋଗଦେଇ କହିଲେ, ୨୦୧୯ ନିର୍ବାଚନରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ୧୨୯, ବିଷମକଟକ ନିର୍ବାଚନ ମଣ୍ଡଳୀର ୫୬ ଓ ରାୟଗଡ଼ା ନିର୍ବାଚନ ମଣ୍ଡଳୀର ୮୨ଟି ବୁଥରେ ଲକ୍ଷ୍ୟ ଧାର୍ଯ୍ୟଠାରୁ କମ୍ ମତଦାନ ହୋଇଥିଲା। ତେବେ ୨୦୨୪ ନିର୍ବାଚନରେ ଏହି ସବୁ ବୁଥଗୁଡ଼ିକରେ କିପରି ଅଧିକରୁ ଅଧିକ ମତଦାନ ହେବ ସେ ନେଇ ପ୍ରଶାସନ ତରଫରୁ ଭୋଟ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ପ୍ରତି ନିର୍ବାଚନ ମଣ୍ଡଳୀକୁ ୩୦ ହଜାର ଟଙ୍କା ଆସିଥିବାବେଳେ ତାହା ପର୍ଯ୍ୟାପ୍ତ ନୁହେଁ। ଏଥିପାଇଁ ରାୟଗଡ଼ା ଜିଲ୍ଲାରେ ଥିବା ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷମାନଙ୍କୁ ସିଏସଆର ଫଣ୍ଡ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କୁହାଯିବ ବୋଲି ଶ୍ରୀ କହଁର ପ୍ରକାଶ କରିଛନ୍ତି। ଏହି ବୈଠକରେ ରାୟଗଡ଼ା ସହର ବିଭିନ୍ନ ସଂଗଠନ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କ୍ଷେତ୍ରରେ ଭୋଟହାର ବୃଦ୍ଧି କରିବା ପାଇଁ ବିଭିନ୍ନ ଅଭିନବ ଉପାୟରେ ସଚେତନତା କାର୍ଯ୍ୟକ୍ରମ କରିବୁ ବୋଲି ମତାମତ ଦେଇଥିଲେ।

## ଚୋରି ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ





**ଜୟପୁର,୧୨।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ଚୋରି ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଦୁଇ ଅଭିଯୁକ୍ତ ହେଲେ ବୋରୁଗୁମ୍ମା ଥାନା ଦୁଲାଗୁଡ଼ାର ସୁକଦେବ ଜାନୀ (୨୩) ଏବଂ ଉମୁରୀ ଗ୍ରାମର ସାଗର ପାତ୍ର (୨୭)। ଅଭିଯୁକ୍ତମାନେ ଗତ ଜାନୁଆରୀ ମାସରେ ସ୍ଥାନୀୟ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଚାଉଳ, ଟିଣ ଡ୍ରମ, ବାସନକୁସନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ସାଗର ପାତ୍ର ଗୁରୁବାର ସ୍ଥାନୀୟ ବିକାଶ ନଗର ଅଞ୍ଚଳରେ ଦିନରେ ଜଣେ ବ୍ୟକ୍ତିଙ୍କ ଗୃହରେ ଚୋରି କରିବା ଉଦ୍ଦେଶ୍ୟରେ ପ୍ରବେଶ କରୁଥିବାବେଳେ ତାଙ୍କୁ ଘର ଲୋକ ଓ ସାହିବାସିନ୍ଦା ଧରିବା ସହିତ ଏକ ଖୁଣ୍ଟରେ ବାନ୍ଧି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ସେ ଅନ୍ୟତମ ଅଭିଯୁକ୍ତ ସୁକଦେବ ଜାନୀ ସହିତ ମିଶି ଚୋରି କରିଥିବା ନେଇ ପ୍ରକାଶ କରିଥିବା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଥିଲେ।

## ୭୩ ଲିଟର ମଦ ଜବତ; ଜଣେ ଗିରଫ

**ମାଥିଲି,୧୨।୪(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ଥାନା ପୁଲିସ ୭୩.୭୫୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନା ନେବାରୁ ଜଣାପଡ଼ିଛି ଯେ, ମାଥିଲି ଅଞ୍ଚଳରେ ଦିନକୁ ଦିନ ବିଦେଶୀ ମଦ ଚୋରା ଚାଲାଣ ବଢ଼ିବାର ଅଭିଯୋଗ ହେଉଥିଲା। ଅଭିଯୋଗକୁ ଭିତ୍ତିକରି ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଚୋରା ବିଦେଶୀ ମଦ ଚାଲାଣ ଓ ଚୋରା ବେପାରୀମାନଙ୍କ ଉପରେ ନଜର ରଖିଥିଲେ। ମାଥିଲି ଥାନା ଅଧିକାରୀ ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ଥାନାର ଅନ୍ୟ କର୍ମଚାରୀ ସହିତ ଏକ ଟିମ୍ ଗଠନ କରି ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲ୍ଲୀ ପଞ୍ଚାୟତ ବାରା ଗ୍ରାମର ବଣ୍ଡକୁ କଲାରଙ୍କ ଘରେ ଗୁରୁବାର ରାତି ୧୦ଟା ୪୦ରେ ଅଚାନକ ଚଢ଼ଉ କରି ୭୩.୭୫୫ ଲିଟର ବିଭିନ୍ନ କମ୍ପାନୀର ବିଦେଶୀ ମଦ ଜବତ କରିବା ସହିତ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି ମାଥିଲି ପୁଲିସ। ବାରା ଗ୍ରାମରେ ଅଭିଯୁକ୍ତ କଲାର ଅନେକ ଦିନରୁ ଚୋରା ବିଦେଶୀ ମଦ ବିକ୍ରି କରୁଥିବା ପୁଲିସ ପାଖରେ ଅଭିଯୋଗ ହେଉଥିବା ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତାହା ସହିତ ଆଗାମୀ ସାଧାରଣ ନିର୍ବାଚନକୁ ମାଥିଲି ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ମାଥିଲି ଥାନା ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ଉପରେ ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।



## କଂଗ୍ରେସର ୱାର୍ ରୁମ୍ ଉଦ୍‌ଘାଟିତ

**ରାୟଗଡ଼ା,୧୨।୪(ସମିସ):** ଶୁକ୍ରବାର ରାୟଗଡ଼ା ସହରର ଜେଏସକୋଠାରେ କଂଗ୍ରେସର ୱାର୍ ରୁମ୍ ଖୋଲାଯାଇଛି। କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ରର ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ଦଳର ରଣନୀତି ଉପରେ ନଜର ରଖାଯିବା ସହ ବୁଥସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଏହି ୱାର୍ ରୁମ୍ ପ୍ରମୁଖ ଯୋଗାଯୋଗର ମାଧ୍ୟମ ହେବ ବୋଲି କୁହାଯାଇଛି। ରାୟଗଡ଼ା ଜେଏସକୋଠାରେ ବିଧାୟକ ପ୍ରାର୍ଥୀ ଆପଲାସ୍ୱାମୀ କାଡ୍ରକାଙ୍କ କାର୍ଯ୍ୟାଳୟ ଗୃହରେ ୱାର୍ ରୁମ୍ ଉଦଘାଟନ ଅବସରରେ କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ର ଏଆଇସିସି ପର୍ଯ୍ୟବେକ୍ଷକ ରବିନ୍ଦ୍ର ଡାଲଭି, କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା, ପିସିସି ପର୍ଯ୍ୟବେକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ସୁନୀଲ ଚନ୍ଦ୍ର ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ, ଡିସିସି ସାଧାରଣ ସମ୍ପାଦକ ପାର୍ଥିବ ବର୍ଦ୍ଧନ, ସୋସିଆଲ ମିଡିଆ ସଂଯୋଜକ ଆସଲାମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

### ଦଣ୍ଡନାଚ ଦେଖିବାକୁ ଯାଇଥିଲେ ଘର ମାଲିକ

## ତାଲାଭାଙ୍ଗି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବ୍ରହ୍ମପୁର, ୧୨।୪(ସମିସ)**



ଗୁରୁବାର ବିଳମ୍ବିତ ରାତିରେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଜଳେଶ୍ୱର ବିହାର ୪ର୍ଥ ଲାଇନର ଏକ ଘରୁ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତ ଉକ୍ତ ଘରୁ ୭ଭରି ସୁନା, ୧୦ଭରି ରୁପା ଓ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ତନାଘନା କରିଥିଲା। ପୁଲିସ ନିକଟରେ ଘଟଣା ବେଳର ସିସିଟିଭି ଫୁଟେଜ ଲାଗିଛି। କିନ୍ତୁ ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପଚରାଉଚରା କରୁଛି। ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଏକ ଟିମ୍ ଗଠନ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

**୭ ଭରି ସୁନା, ୧୦ ଭରି ରୁପା ଓ ଦେଢ଼ ଲକ୍ଷ ଟଙ୍କା ଚୋରି**



ସୂଚନାଯୋଗ୍ୟ ଯେ, ଜଳେଶ୍ୱର ବିହାର ୪ର୍ଥ ଲାଇନର ଟୁନାପାତ୍ର ଗୁରୁବାର ରାତି ୨ଟା ବେଳେ ନିକଟରେ ହେଉଥିବା ଏକ ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ଗଲାବେଳେ ଘରେ ତାଲା ପକାଇ ଯାଇଥିଲେ। ତାଲା ବନ୍ଦ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଛାତ ଉପରେ ଚଢ଼ି ଶାବଳରେ ଘରେ ପଡ଼ିଥିବା ତାଲା ଭାଙ୍ଗିଥିଲେ। ପରେ ଘରେ ପଶି ଆଲମାରୀ ଭାଙ୍ଗି ସେଥିରେ ଥିବା ୭ ତୁଳା ସୁନା, ୧୦ ତୁଳା ରୁପା, ନଗଦ ଦେଢ଼ ଲକ୍ଷ ଟଙ୍କା, ଲାପଟପ, ଓ କିଛି ଲୁଗାପଟା ଚୋରି କରିଛି। ଏଭଳି ବଡ଼ଧରଣର ଚୋରି ହେବା ପୁଲିସର ଚିନ୍ତାର କାରଣ ହୋଇପଡ଼ିଛି।

## ବୁଲୁ ଦେବଶର୍ମା ଆମ୍ ଆଦମୀ ପାର୍ଟିର ଜିଲ୍ଲା ଆବାହକ ନିଯୁକ୍ତ




**ଜୟପୁର,୧୨।୪(ସମିସ):** କୋରାପୁଟ ଜିଲ୍ଲାର ଗୌରୀ ଚରଣ ଦେବଶର୍ମା (ବୁଲୁ)ଙ୍କୁ କୋରାପୁଟ ଜିଲ୍ଲା ଆମ ଆଦମୀ ପାର୍ଟିର ଜିଲ୍ଲା ଆବହକ ଭାବେ ନିଯୁକ୍ତ ଦିଆଯାଇଛି। ଶୁକ୍ରବାର ଭୁବନେଶ୍ୱର ଆମ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏକ ମିଶ୍ରଣ କାର୍ଯ୍ୟକ୍ରମ ଶ୍ରୀ ଦେବଶର୍ମାଙ୍କୁ ଦଳକୁ ସ୍ୱାଗତ କରିବା ସହିତ ତାଙ୍କୁ ନୂତନ ଭାବେ ଜିଲ୍ଲା ଆବାହକ ଭାବେ ନିଯୁକ୍ତ କରିଥିବା ନେଇ ଘୋଷଣା କରିଥିଲେ। ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନରେ କୋରାପୁଟ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଜିଲ୍ଲାର ସମସ୍ୟା ନେଇ ଦାବି ଉପସ୍ଥାପନ କରାଯିବ ବୋଲି ନୂତନ ଆବାହକ ଶ୍ରୀ ଦେବଶର୍ମା କହିଥିଲେ। କୋରାପୁଟ ଜିଲ୍ଲା ଦଳିତ ସମାଜର ବରିଷ୍ଠ ସଦସ୍ୟ ଜେକୋବ ଗଣ୍ଡା ମଧ୍ୟ ଭୁବନେଶ୍ୱରଠାରେ ଆମ ଆଦମୀ ପାର୍ଟିରେ ଯୋଗଦେଇଛନ୍ତି।

## 'ମୋ ବସ୍'କୁ ଓଭରଟେକ୍ କରିବାକୁ ଯାଇ ଓଲଟିଥିଲା କ୍ଷୀର ଗାଡ଼ି

**ବ୍ରହ୍ମପୁର, ୧୨।୪(ସମିସ)**

- ପୂର୍ବରୁ ପୃଥକ ପୃଥକ ଦୁର୍ଘଟଣାରେ ଘରୋଇ ଗାଡ଼ି ବିରୋଧରେ ଏତଲା ଦେଇଛନ୍ତି 'ମୋ ବସ୍' କର୍ମଚାରୀ
- 'ମୋ ବସ୍' କର୍ତ୍ତୃପକ୍ଷଙ୍କୁ ବଦନାମ କରିବାକୁ କରାଯାଉଛି ଚକ୍ରାନ୍ତ: 'କ୍ରୁଟ୍' ଡିପୋ ମ୍ୟାନେଜର

ବ୍ରହ୍ମପୁର ସହରରେ କ୍ରୁଟ୍ ପକ୍ଷରୁ ନୂତନ କରି ଆରମ୍ଭ ହୋଇଥିବା 'ମୋ-ବସ୍' ସେବାକୁ ନିଜର ସ୍ୱାର୍ଥ ହାସଲ ପାଇଁ ବା ବ୍ୟବସାୟିକ ଦୃଷ୍ଟିକୋଣରୁ କିଛି ଘରୋଇ ବସ୍ ମାଲିକ ବା କର୍ମଚାରୀ ବିରୋଧ କରୁଛନ୍ତି। ଏନେଇ ପୂର୍ବରୁ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିବା ନଜିର ରହିଛି। ଫଳରେ 'ମୋ-ବସ୍' କର୍ତ୍ତୃପକ୍ଷଙ୍କୁ ବଦନାମ କରିବାକୁ ଯାଇ ଏଠାରେ ବିଧିବଦ୍ଧ ଏକ ଚକ୍ରାନ୍ତ ଚାଲିଥିବା ଅଭିଯୋଗ ହୋଇଛି। ଫଳରେ କିଛି ବୁଝିନସୁଝି ଭାଇରାଲ ଫଟୋ ବା ଭିଡିଓକୁ ନେଇ 'ମୋ-ବସ୍' ଯାତ୍ରୀସେବାକୁ ବଦନାମ କରିବାକୁ ଯୋଜନା ଚାଲିଛି। ତେବେ ଏହା କଦାପି ଫଳପ୍ରଦ ହେବନାହିଁ। ଗତ ୧୧ ତାରିଖରେ ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଚ ଛକ ନିକଟରେ ଏକ କ୍ଷୀର ବୋଝେଇ ଗାଡ଼ି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇ ଟ୍ରାଫିକ ଜାମ ହୋଇଥିଲା।

ଏଭଳି ସମୟରେ ସେଠାରେ ଥିବା ମୋ ବସର ଡ୍ରାଇଭର ବା କ୍ୟାପଟେନ ଗାଡିରୁ ଓହ୍ଲାଇ ଓଲଟି ପଡ଼ିଥିବା କ୍ଷୀର ଗାଡିକୁ ରାସ୍ତାରୁ ଉଠାଇବା ପାଇଁ ଅନ୍ୟମାନଙ୍କୁ ସହଯୋଗ କରିଥିଲେ। ଯାହା ଫଳରେ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିଥିଲା। ତେବେ ଏହି ଘଟଣାକୁ ରଙ୍ଗଦେଇ ଫଟୋକୁ ଆଧାର କରି କିଛି ଗଣମାଧ୍ୟମରେ 'ମୋ-ବସ୍' ଧକ୍କାରେ କ୍ଷୀର ଗାଡି ଓଲଟିଥିବା ନେଇ ଖବର ପ୍ରକାଶ ପାଇଥିଲା। ଯାହା ପ୍ରକୃତରେ ସତ୍ୟ ନୁହଁ ବୋଲି କହିଛନ୍ତି ବ୍ରହ୍ମପୁର କ୍ରୁଟର ଡିପୋ ମ୍ୟାନେଜର ଅମୀୟ ମିଶ୍ର। ଅନୁରୂପ ଭାବେ ସହରରେ ବିଭିନ୍ନ ଦୁର୍ଘଟଣାରେ ମଧ୍ୟ 'ମୋ-ବସ୍' ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ନେଇ ହୋଇଥିବା ଅଭିଯୋଗର ପ୍ରତିକ୍ରିୟା ମଧ୍ୟ ସେ ରଖିଛନ୍ତି। ପୂର୍ବରୁ ହୋଇଥିବା ଦୁଇଟି ସଡ଼କ ଦୁର୍ଘଟଣାରେ ମଧ୍ୟ 'ମୋ-ବସ୍' ଡ୍ରାଇଭରଙ୍କର ନୁହେଁ ବରଂ ଘରୋଇ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ ଚାଳକଙ୍କର ଭୁଲ ଥିବା ନେଇ ଖୋଦ୍ ମୋ ବସ କର୍ମଚାରୀଙ୍କ ପକ୍ଷରୁ ଟ୍ରାଫିକ ଥାନାରେ ଏତଲା ଦିଆଯାଇଛି। କୌଣସି ଘଟଣାରେ 'ମୋ-ବସ୍' କ୍ୟାପଟେନ ବା କର୍ମଚାରୀଙ୍କର ଭୁଲ ନଥିବା କ୍ରୁଟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ସହରରେ ଶୃଙ୍ଖଳିତ ଓ ସୁରକ୍ଷିତ ଯାତ୍ରୀସେବା ଯୋଗାଇବା ପାଇଁ ବଦ୍ଧପରିକର ଥିବା 'ମୋ-ବସ୍' ବା କ୍ରୁଟ କର୍ତ୍ତୃପକ୍ଷ ସମସ୍ତ ବିଷୟକୁ ଗୁରୁତ୍ୱର ସହିତ ଅନୁଧ୍ୟାନ କରୁଥିବା ଶ୍ରୀ ମିଶ୍ର ସ୍ପଷ୍ଟ କରିଛନ୍ତି।

# ରାୟଗଡ଼ା ପୌରାଞ୍ଚଳରେ ଗଡ଼ିଲା ଭୋଟର ସଚେତନତା ରଥ

**ରାୟଗଡ଼ା,୧୨।୪(ସମିସ):** ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟରୁ ଗଡ଼ିଲା ଭୋଟର ସଚେତନତା ରଥ। ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ସବୁଜ ପତାକା ଦେଖାଇ ଏହାର ଉଦଘାଟନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ମହାପର୍ବରେ ପୌର ପରିଷଦ ଅଧୀନରେ ଥିବା ପ୍ରତି ବୁଥସ୍ତରରେ ଶତ ପ୍ରତିଶତ ଭୋଟର ସାମିଲ ହେବେ, ସମସ୍ତ ଭୋଟର ନିଜର ମୂଲ୍ୟବାନ ଭୋଟ୍ ମାଧ୍ୟମରେ ପ୍ରାର୍ଥୀ ଚୟନ କରିବେ, ଜିଲ୍ଲା ସହ ରାଜ୍ୟ ଓ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବେ ସେଥିପାଇଁ ଜିଲ୍ଲାରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଏହି ସଚେତନତା ରଥର ଶୁଭାରମ୍ଭ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଆସନ୍ତା ମେ' ୧୩ ତାରିଖରେ ରାୟଗଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ା ପୌରାଞ୍ଚଳରେ ଥିବା ୫୪ଟି ବୁଥରେ ମଧ୍ୟ ଏକକାଳୀନ ଲୋକସଭା ସାଂସଦ ଓ ଜିଲ୍ଲାର ତିନିଟି ବିଧାନସଭା ଆସନ ନିମନ୍ତେ ସାଧାରଣ ନିର୍ବାଚନ ହେବା ପାଇଁ ତାରିଖ ଘୋଷଣା ହୋଇଛି। ୨୦୧୯ ନିର୍ବାଚନରେ ରାୟଗଡ଼ା ଜିଲ୍ଲାରେ ଭୋଟଦାନ ହାର ୭୫ ପ୍ରତିଶତ ଥିବାବେଳେ ଚଳିତ ନିର୍ବାଚନରେ ଯେପରି ରେକର୍ଡ ସଂଖ୍ୟକ ଭୋଟଦାନ ହାର ବୃଦ୍ଧିପାଇବ ସେଥିପ୍ରତି ଜିଲ୍ଲା ନିର୍ବାଚନ ବିଭାଗ ଚେଷ୍ଟିତ। ଏହା ସହିତ ପୌରାଞ୍ଚଳରେ ଥିବା ସମସ୍ତ ଦିବ୍ୟାଙ୍ଗ, ଗର୍ଭବତୀ ମହିଳା, ବରିଷ୍ଠ ନାଗରିକ ବୃଦ୍ଧ ଯେପରି ସୁବିଧାରେ ଭୋଟଦାନ କରିପାରିବେ ସେଥିପାଇଁ ବୁଥଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଯେଉଁ ଦିବ୍ୟାଙ୍ଗ ଓ ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭୋଟଦାନ କେନ୍ଦ୍ରକୁ ପହଞ୍ଚିବାରେ ଅକ୍ଷମ ସେମାନଙ୍କ ପାଇଁ ନିଜ ଘରେ ବସି ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟଦାନ ବ୍ୟବସ୍ଥା କରାଯାଇଛି। ରାୟଗଡ଼ା ପୌରାଞ୍ଚଳରେ ଥିବା ଭୋଟରଙ୍କୁ ଆଗାମୀ ମେ' ୧୩ ତାରିଖରେ ହେବାକୁ ଥିବା ଗଣତନ୍ତ୍ରର ଏହି ମହାପର୍ବରେ ନିଶ୍ଚିତ ଭାବେ ସାମିଲ ହେବା ନିମନ୍ତେ ପୌରନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଆହ୍ୱାନ କରିବା ସହ ପ୍ରତି ବୁଥସ୍ତରରେ ଭୋଟର ସଚେତନତା ରଥ ମାଧ୍ୟମରେ ବ୍ୟାପକ ପ୍ରଚାରପ୍ରସାର କରାଯିବ ବୋଲି କହିଛନ୍ତି। ଏହି ସଚେତନତା ରଥ ଉଦଘାଟନ ସମୟରେ ପୌର ପରିଷଦ କାର୍ଯ୍ୟାଳୟ କର୍ମଚାରୀ, ବିଏଲଓ, କିନ୍ନର ଭୋଟରଙ୍କ ସମେତ ରାୟଗଡ଼ା ଦିବ୍ୟାଙ୍ଗ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଓ ସଦସ୍ୟ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



